# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

ଆଠ ପୃଷ୍ଠା, ମୂଲ୍ୟ : ₹ ୫.୦୦, ବର୍ଷ-୨୦, ସଂଖ୍ୟା: ୧୯୫, ୨୨ ଡିସେମ୍ବର, ୨୦୨୫ ସୋମବାର, ଭୁବନେଶ୍ୱର

8 Pages, Price ₹ 5.00 , Vol. 20, Issue No. : 195, 22nd December, 2025 Monday, Bhubaneswar

Website : www.odishaexpress.in, E-mail : odishaexpress@gmail.com, RNI Regd. No. ODIODI/2006/23033

Postal Regd. No. : BN/169/13-15: ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ବିଷାଦପ୍ୟମୃତଂ ଗ୍ରାହ୍ୟମମେଧ୍ୟାଦପି କାଞ୍ଚନମ୍**
**ନୀଚାଦପ୍ୟୁତ୍ତମାଂ ବିଦ୍ୟାଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।**

ବିଷ ମଧ୍ୟରୁ ଅମୃତ ଓ ଅମେଧ୍ୟରୁ ସୁବର୍ଣ୍ଣ ଯେପରି ଗ୍ରହଣ କରାଯାଏ, ସେହିପରି ନୀଚ ଲୋକଠାରୁ ଉତ୍ତମ ବିଦ୍ୟା ଶିକ୍ଷା ଓ ନୀଚ କୁଳରୁ ଗୁଣବତୀ ନାରୀ ଓ କନ୍ୟାରତ୍ନ ଗ୍ରହଣ କରିବା ଉଚିତ ।

## ଭିବି-ଜି ରାମ ଜି ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

**ନୂଆଦିଲ୍ଲୀ,୨୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭିବି-ଜି ରାମ ଜି (ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା) ବିଲ୍‌କୁ ମିଳିଛି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ। ଏହି ବିଲ୍‌କୁ ରାଷ୍ଟ୍ରପତି ଅନୁମୋଦନ ଦେବା ପରେ ଏହା ଆଇନରେ ପରିଣତ ହୋଇଛି। ପୂର୍ବରୁ ଥିବା ମନରେଗା ଯୋଜନାର ନାଁ ବଦଳାଇ ଏହି ଯୋଜନାକୁ ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ନାଁରେ ନାମିତ କରିଛନ୍ତି କେନ୍ଦ୍ର ସରକାର। ଶ୍ରମିକମାନଙ୍କୁ ନିୟମିତ ରୋଜଗାର ଗ୍ୟାରେଣ୍ଟି ୧୦୦ରୁ ୧୨୫ ଦିନକୁ ବୃଦ୍ଧି କାରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଗ୍ରାମୀଣ ପରିବାରର ଅଣକୁଶଳୀ ବ୍ୟକ୍ତିଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତାହା ସହ ଶ୍ରମିକମାନେ କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ଭିତରେ ମଜୁରୀ ଦିଆଯିବା ନେଇ ବ୍ୟବସ୍ଥା କରାଯାଇଛି। ଯଦି ଶ୍ରମିକମାନଙ୍କୁ ସମୟସୀମା ଭିତରେ ମଜୁରୀ ଦିଆନଯାଏ ତାହା ହେଲେ ସଂପୃକ୍ତ ଶ୍ରମିକଙ୍କୁ ବେକାରୀ ଭତ୍ତା ଦିଆଯିବା ନେଇ ପ୍ରସ୍ତାବ ରହିଛି। ଏହି ନୂଆ ଯୋଜନାକୁ ଚାରିଭାଗରେ ବିଭକ୍ତ କରାଯାଇଛି ସେଗୁଡ଼ିକ ହେଲା ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଭିତ୍ତିଭୂମି ଓ ବିପର୍ଯ୍ୟୟ ପୁନଃନିର୍ମାଣ। କୃଷି କାର୍ଯ୍ୟ ସମୟରେ ଗ୍ରାମୀଣ ଅଞ୍ଚଳରେ ଶ୍ରମିକମାନେ ବ୍ୟସ୍ତଥିବା କାରଣରୁ ସେହି ସମୟରେ ଏହି ଯୋଜନା ଲାଗୁ ହେବନାହିଁ। ଏହି ଯୋଜନାରେ ସ୍ୱଚ୍ଛତା ରଖିବା ପାଇଁ ଶ୍ରମିକମାନଙ୍କୁ ବାୟୋମେଟ୍ରିକ୍ ଓ ଜିଓଟ୍ୟାଗିଂ ବ୍ୟବହାର କରିବା ପାଇଁ କେନ୍ଦ୍ର *(ଶେଷ ପୃଷ୍ଠା ଦେଖନ୍ତୁ)*

ଉପାଦେୟ

**... ବାଜିଗଲେ ଦୋଷ ନାହିଁ**

**ଗୋଟିଏ ଦେଶରେ ଜଣେ ରାଜା ଥିଲେ...**

## ମେସି ନେଇଥିଲେ ୮୯ କୋଟି

**ନୂଆଦିଲ୍ଲୀ,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



**କୋଲକାତା:** କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଲିଓନେଲ୍ ମେସିଙ୍କ କନସର୍ଟରେ ହୋଇଥିବା ବ୍ୟାପକ ବିଶୃଙ୍ଖଳା ଘଟଣାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। କାର୍ଯ୍ୟକ୍ରମରେ ବିଶୃଙ୍ଖଳା ଯୋଗୁ ଗିରଫ ହୋଇଥିବା ଏହାର ଆୟୋଜକ ସତଦ୍ରୁ ଦତ୍ତ ବଡ ଖୁଲାସା କରିଛନ୍ତି।

ମେସି ତାଙ୍କ ଭାରତ ଗସ୍ତ ପାଇଁ ୮୯ କୋଟି ଟଙ୍କା ନେଇଥିଲେ। ତା'ସହିତ ୧୧ କୋଟି ଟଙ୍କା ସରକାରଙ୍କୁ ଟିକସ ଭାବରେ ଦିଆଯାଇଥିଲା ବୋଲି ଇଭେଣ୍ଟର ଆୟୋଜକ ସତଦ୍ରୁ ଦତ୍ତା ପୋଲିସକୁ କହିଛନ୍ତି। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଏସ୍‌ଆଇଟି ଦ୍ୱାରା ପଚରାଉଚରା ବେଳେ ଦତ୍ତ ଏହି ଖୁଲାସା କରିଛନ୍ତି। ରାଜ୍ୟ ଦ୍ୱାରା ଗଠିତ ଏସଆଇଟି ଠାରୁ ସୂଚନା ପାଇ ପୋଲିସ ଦତ୍ତଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ୨୨ କୋଟି ଟଙ୍କା ଜବତ କରିଛି ଏବଂ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିଛି। ଏଥିସହିତ ପୁଲିସ ଶୁକ୍ରବାର ତାଙ୍କ ରିଶ୍ରା ବାସଭବନରେ ମଧ୍ୟ ଚଢାଉ କରିଥିଲା।

ସୁରକ୍ଷା ନିର୍ଦ୍ଦେଶକ ପୀୟୁଷ ପାଣ୍ଡେଙ୍କ ନେତୃତ୍ୱରେ ଗତ ୪୮ ଘଣ୍ଟା ଧରି ଦତ୍ତଙ୍କୁ ପଚରାଉଚରା କରାଇଥିଲା। ଏନେଇ ଜଣେ ପୁଲିସ ଅଫିସର କହିଛନ୍ତି 'ଦତ୍ତ ଦାବି କରିଛନ୍ତି ଯେ ମେସି ଗସ୍ତରେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହାର କିଛି ପାଣ୍ଠି ପ୍ରାୟୋଜକଙ୍କଠାରୁ ଆସିଥିଲା ଏବଂ ବାକି ଟିକେଟ୍ ବିକ୍ରୟରୁ ଆସିଥିଲା। କିନ୍ତୁ ଟିକେଟ୍ ବିକ୍ରୟ ଏବଂ ପ୍ରାୟୋଜକ ମୋଟ *(ଶେଷ ପୃଷ୍ଠା ଦେଖନ୍ତୁ)*


ବାଧାହୀନ ବ୍ୟାଙ୍କିଙ୍ଗ ସେବା ପାଇଁ

**ନିଜର KYC ଅପଡେଟ୍ କରି ରଖନ୍ତୁ**



**ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇନାହିଁ,**
Re-KYC ପାଇଁ ପତ୍ର/ଅନ୍‌ଲାଇନ ବ୍ୟାଙ୍କିଙ୍ଗ/ମୋବାଇଲ ବ୍ୟାଙ୍କିଙ୍ଗ/ଏଟିଏମ/ନିଜର ମୋବାଇଲ ନମ୍ବର ମାଧ୍ୟମରେ/ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଇ-ମେଲ୍ କିମ୍ବା ବିଜ୍‌ନେସ୍ କରେସ୍‌ପୋଣ୍ଡେଣ୍ଟ୍ (BCs) ମାଧ୍ୟମରେ ଏକ ସ୍ୱ-ଘୋଷଣା ଦାଖଲ କରନ୍ତୁ ।

**ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇଛି,**
ଅପଡେଟ୍ ସୂଚନାଯୁକ୍ତ ଯେକୌଣସି ଏକ ଦସ୍ତାବିଜ ପ୍ରଦାନ କରନ୍ତୁ : ଆଧାର/ମତଦାତା ପରିଚୟ ପତ୍ର/NREGA ଜବ୍ କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ପାସପୋର୍ଟ/ନ୍ୟାସନାଲ ପପୁଲେସନ୍ ରେଜିଷ୍ଟାର ଦ୍ୱାରା ଜାରି ପତ୍ର ।

ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

**ନିଜର ବ୍ୟାଙ୍କର ନିକଟତମ ଶାଖା ଯାଇ ମଧ୍ୟ KYC ଅପଡେଟ୍ କରାଇପାରିବେ ।**

ଅଧିକ ସୂଚନା ପାଇଁ, https://rbikehtahai.rbi.org.in/KYC ଭିଜିଟ୍ କରନ୍ତୁ
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର 99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in



# KIIT Nanhipari

Little Miss India 2025

## Silver Jubilee Celebration

22nd -23rd Dec. 2025 | KIIT University, Bhubaneswar

25 SILVER JUBILEE CELEBRATION — KIIT NANHIPARI LITTLE MISS INDIA 25th Edition

Scholarships Worth ₹56 Lakhs await the WINNERS

Presented by
KIIT School of Mass Communication
KIIT School of Fashion Technology | KIIT School of Film and Media Sciences

Reigning Beauty Queens to Grace the Occasion



**Ms. Nikita Porwal**
Femina Miss India World 2024



**Ms. Rekha Pandey**
1st Runner-up, Femina Miss India 2024



**Ms. Nandini Gupta**
Femina Miss India World 2023

Scholarship for the WINNERS

01 **Winner** ₹28 Lakhs
Rs. 10,00,000/- Cash Prize + 100% Academic fee waiver subject to a maximum of Rs. 18 lakhs for studying in any discipline in KIIT

02 **1st Runner Up** ₹14 Lakhs
Rs. 5,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT

03 **2nd Runner Up** ₹12 Lakhs
Rs. 3,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT

HIGHLIGHTS 35 SEMI-FINALISTS | 26 STATES | 5000+ PARTICIPANTS | 10+ COMPETITIONS

• It is a national competition among girls from 13 to 15 Age Group • Highest Prize Money • No Participation Fee • Free Accommodation and Travel Expenses

**About KIIT Nanhipari :** Celebrating 25 glorious years, KIIT NanhiPari began on a modest note in 2001 and has grown into a nationwide phenomenon, empowering young girls with confidence, talent and grace. A platform that goes far beyond beauty, it nurtures personality, intellect, poise and self-belief, helping teenage girls realise their fullest potential. Fuelled by the visionary guidance of Dr. Achyuta Samanta, NanhiPari has become India's finest grooming ground for future achievers. As it marks its Silver Jubilee, NanhiPari proudly continues its journey of inspiring and shaping the leaders of tomorrow.

**TEN CATEGORIES** with Prize money **Rs. 20,000/-** Each Category

- Miss Rapunzel — Girl with most beautiful hair
- Miss Photogenic — Girl with best pose in Photoshoot round
- Miss Selfie-Maximum likes on facebook page
- Miss Fashion — Girl with best costume in both rounds
- Miss Whizkid — Girl with highest marks in quiz round
- Miss Cinderella — A graceful walk & pose and a positive attitude
- Miss Personality — Sharp intelligence, confidence & communication skills
- Miss Monalisa — Most beautiful girl with most beautiful smile
- Miss Active — Most active girl in Sports round
- Miss Urvasi — Girl with Best Talent

Gold Sponsors: SNM S.N. Mohanty | SWASTIK ASSETS Private Limited | evos SPREADING LOVE | MGM MINERALS LTD.

Grooming by: indulge THE SALON

Event Partner: [X]pose | Radio Partner: 90.0FM | Media Partner: KALINGA TV | Digital Partner

KIIT, Bhubaneswar - 751024 (Odisha), India | +91 9777286878 | kiitnanhipari@gmail.com | Follow Us: /kiitnanhipari | /kiit_nanhi_pari | /kiitnanhipari | /KIIT_NanhiPari | /kiitnanhipari.in

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୨ ଡିସେମ୍ବର ୨୦୨୫ । ସୋମବାର




## ଛାତ୍ରଙ୍କୁ ମାଡ଼: ୭ ଛାତ୍ର ସପ୍ତାହେ ପାଇଁ ନିଲମ୍ବିତ




**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ବାଲିମେଳା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ କନିଷ୍ଠ ଛାତ୍ରଙ୍କୁ ବରିଷ୍ଠ ଛାତ୍ର ଓ କେୟାରଟେକର୍ ମିଶି ମାଡ଼ ମାରିବା ଘଟଣାରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ କିଛି ଦିନ ପୂର୍ବେ ନବମ ଶ୍ରେଣୀର ଛାତ୍ରଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ପରେ ଏଥିରେ ଏକାଦଶ ଶ୍ରେଣୀର କିଛି ଛାତ୍ର ଓ କେୟାରଟେକର୍ ବିଶ୍ୱଜିତ୍ ସରକାର ମିଶି ସମ୍ପୃକ୍ତ ନବମ ଶ୍ରେଣୀର ୫ଜଣ ଛାତ୍ରଙ୍କୁ ମାଡ଼ ମାରିଥିଲେ। ଏପରିକି ପାଣି ପିଆଇ ପିଆଇ ମାଡ଼ ମାରି ନିର୍ଯାତନା ଦିଆଯାଇଥିଲା ବୋଲି ପୀଡ଼ିତ ଛାତ୍ର ପ୍ରକାଶ କରିଛନ୍ତି। ଖବର ଜଣାପଡିବା ପରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କିଛି ଅଭିଭାବକ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟରୁ ଘରକୁ ନେଇଯିବା ସହ ଆଉ ନବୋଦୟ ବିଦ୍ୟାଳୟରେ ପଢ଼ାଇବେ ନାହିଁ ବୋଲି ମଧ କହିଛନ୍ତି। ଏହି ଘଟଣାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ମାଡ଼ ମାରିଥିବା ଛାତ୍ରଙ୍କୁ ସପ୍ତାହେ ପାଇଁ ନିଲମ୍ବନ କରିବା ସହ କେୟାର ଟେକର୍ ବିଶ୍ୱଜିତ୍ ସରକାରଙ୍କୁ ବହିଷ୍କୃତ କରିଛନ୍ତି। ବିଦ୍ୟାଳୟର ଅଧକ୍ଷ ମାଡ଼ମରା ଘଟଣାକୁ ସ୍ୱୀକାର କରିଛନ୍ତି। ଜବାହର ନବୋଦୟ ବିଦ୍ୟାଳୟ ଭଳି ଅନୁଷ୍ଠାନରେ ଏପରି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

## ନାବାଳିକାଙ୍କୁ ହାତଗୋଡ଼ ବାନ୍ଧି ବାରମ୍ବାର ଦୁଷ୍କର୍ମ

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ସୋର ଥାନା ମଧୁସୁଦନପୁର ପଞ୍ଚାୟତ ମଧୁ ଗ୍ରାମର ଜଣେ ନାବାଳିକାଙ୍କୁ ଜଣେ ଯୁବକ ଝିଅର ବଡମାଙ୍କ ସହଯୋଗରେ ହାତଗୋଡ ବାନ୍ଧି ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ମାଆ କରିଥିବା ଅଭିଯୋଗ ଅନୁସାରେ ହେଁସଗୁଡା ଗ୍ରାମର ବିବାହିତ ଉମେଶ ବାରିକ ନାମକ ଜଣେ ଯୁବକ ନାବଳିକାଙ୍କ ବଡମାଆଙ୍କ ଘରକୁ ବହୁତ ବାର ଆସୁଥିବା ବେଳେ ସୁଯୋଗ ନେଇ ତାଙ୍କ ନାବାଳିକା ଝିଆରି ହାତଗୋଡ ବାନ୍ଧି ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲେ। ପରେ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିବାରୁ ନାବଳିକା ଜଣଙ୍କ ଘରେ ଏବାବଦରେ ଜଣାଇନଥିଲେ। ପରେ ପରିବାର ଲୋକେ ଏବାବଦରେ ଜାଣିପାରି ସୋର ସିଡିପିଓଙ୍କୁ ଖବର ଦେଇଥିଲେ। ରବିବାର ମଧ୍ୟାହ୍ନରେ ସୋର ସିଡିପିଓ ହାରାମଣୀ ନାଏକ ପୋଲିସ ସହାୟତାରେ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋର ଥାନାରେ ଜିମା ଦେଇଥିଲେ। ଏନେଇ ନାବାଳିକାଙ୍କ ମାଆ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ୮୦% ଦିବ୍ୟାଙ୍ଗ ଅସହାୟଙ୍କୁ ମିଳୁନି ଭତ୍ତା

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ ବୃଦ୍ଧ ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ଭତା ପ୍ରଦାନ କରାଯାଉଅଛି । ଏବେ ମୋହନ ସରକାର ଆସିବା ପରେ ୮୦ ବର୍ଷୟା ବୃଦ୍ଧ ବୃଦ୍ଧା, ବିଧବା ଓ ୮୦% ଦିବ୍ୟାଙ୍ଗ ଅସହାୟଙ୍କ ୧୨ ଶହ ଟଙ୍କା ବଦଳରେ ୩ ହଜାର ୫ ଶହ ଟଙ୍କା ମିଳିବ ବୋଲି ଘୋଷଣା କରାଯାଇ କାର୍ଯ୍ୟକାରୀ କରାଯାଇଛି । ମାହାଙ୍ଗା ବ୍ଲକରେ ବହୁ ହିତାଧିକାରୀ ବର୍ଦ୍ଧିତ ୩୫୦୦ ଟଙ୍କା ପାଉଥିବା ବେଳେ ଏହି ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ବର୍ଦ୍ଧିତ ଭତାରୁ ୭ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ଏହି ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଏହି ହିତାଧିକାରୀମାନେ ରାଜନେତା ଆରମ୍ଭ କରି ପ୍ରଶାସନ ନିକଟକୁ ଆସି ଏ ସଂପର୍କରେ ଅବଗତ କରାଇଥିଲେ ମଧ କିଛି ସୁଫଳ ମିଳୁନାହିଁ । ଏହି ବ୍ଲକର ଗତ ୨୩.୧୦.୨୦୨୫ ଚିଠି ନଂ ୭୦୦୨ରେ ଜିଲ୍ଲାପାଳ କାର୍ଯ୍ୟାଳୟକୁ ୨୦୮ ଜଣଙ୍କ ନାମ ଜିଲ୍ଲା ପ୍ରଶାସନ ନିକଟକୁ ପଠାଇଯାଇଛି । ସେହିପରି ଗତ ୨୩.୧୦.୨୦୨୫ରେ ଚିଠି ନଂ ୭୦୦୪ରେ ମଧୁବାବୁରେ ୧୧୧, ଇନ୍ଦିରାଗାନ୍ଧୀରେ ୨୭୩ ଏବଂ ଭିନ୍ନକ୍ଷମରେ୧୨ ଜଣଙ୍କ ନାମ ଜିଲ୍ଲା ପ୍ରଶାସନ ନିକଟକୁ ପଠାଯାଇଥିଲେ ମଧ ତାହା ଏ ପର୍ଯ୍ୟନ୍ତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ମୋଟ ୬୧୨ ଜଣଙ୍କର ନାମ ପଠାଯାଇ ମଞ୍ଜୁର ହେବାକୁ ଯାଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ଯାହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ହିତାଧିକାରୀମାନେ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟରେ ସମସ୍ତ ପ୍ରମାଣପତ୍ର ଦେଇ ପାଇବା ପାଇଁ ଯୋଗ୍ୟ ହୋଇଥିବା ବେଳେ ଏହି ବର୍ଦ୍ଧିତ ଭତା ନ ମିଳିବା ନେଇ ଜିଲ୍ଲା ପ୍ରଶାସନର ପାରିବା ପଣିଆ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ବ୍ଲକ କାର୍ଯ୍ୟାଳୟରେ ମଧ ୨ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀମାନେ ଏହି ବର୍ଦ୍ଧିତ ଭତ୍ତା ପାଇବା ନିମନ୍ତେ ସମସ୍ତ ପ୍ରମାଣପତ୍ର ଦାଖଲ କରିଥିବାବେଳେ ସେମାନଙ୍କୁ ମଧ ଏହି ବର୍ଦ୍ଧିତ ଭତା ମିଳିପାରିନାହିଁ । ସରକାରଙ୍କ ଏହି ଜନମଙ୍ଗଳକାରୀ ଯୋଜନା ହିତାଧିକାରୀମାନେ ପାଇବାରୁ ବଞ୍ଚିତ ହେଉଥିବାରୁ ତାହା କେବଳ ସରକାରଙ୍କ ପ୍ରତିଶ୍ରୁତିରେ ରହିଯାଇଛି । ତେଣୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବ, ବିଧାୟକ, ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ଦାବି ହୋଇଛି ।




ଅବଦୁଲ କଲାମ ପାର୍କରେ ଇପସିତା ପୂଜାରୀ ଏବଂ ଧ୍ୟାନ ଯୋଗ ଗ୍ରୁପ୍ ଦ୍ୱାରା ଆୟୋଜିତ ବିଶ୍ୱ ଧ୍ୟାନ ଦିବସ।

## ଅନ୍ତଃରାଜ୍ୟ ଲଟେରି ରାକେଟ୍‌ର କିଙ୍ଗପିନ୍ ଗିରଫ



**ରାଉରକେଲା: ଏକ୍ସପ୍ରେସ ନ୍ୟୁଜ୍**

ନାଗାଲାଣ୍ଡ, ସିକିମ୍‌ର ଲଟେରି କିନ୍ତୁ ବିକ୍ରି ହେଉଥିଲା ରାଉରକେଲାରେ। ସମ୍ପୂର୍ଣ୍ଣ ପୋଲିସ ଜିଲ୍ଲା ଅଧୀନରେ ଚାଲିଥିଲା କାରବାର। ଛୋଟ ଛୋଟ ଦୋକାନ ସହ ଏହାଧିକ ସ୍ଥାନରେ ଟେବୁଲ ପକାଇ ଚାଲିଥିଲା ବେପାର। ଅଫର ଥିଲା ୬ ଟଙ୍କାରେ ଲଟେରି ଟିକଟ୍ କିଣନ୍ତୁ, ଲକ୍ଷପତି ହୁଅନ୍ତୁ। ସ୍ମାର୍ଟସିଟି ରାଉରକେଲାରେ ବର୍ଷବର୍ଷ ଧରି ଚାଲିଥିବା ଏହି ଅନ୍ତଃରାଜ୍ୟ ଲଟେରି ରାକେଟ୍‌କୁ ଠାବ କରିଛି ରାଉରକେଲା ପୋଲିସ।

ରାକେଟ୍‌ର କିଙ୍ଗପିନ୍ ବିହାର ରୋହତାସ୍ ଜିଲ୍ଲାର ମୂଳନିବାସୀ ତଥା ରାଉରକେଲା ମେନ୍‌ରୋଡ୍ ଅଞ୍ଚଳରେ ରହୁଥିବା ସଞ୍ଜୟ ସାହୁ(୫୧)କୁ ଗିରଫ କରିଛି ପୋଲିସ। ତା'ର ୩ଜଣ ସହଯୋଗୀ ପଶ୍ଚିମବଙ୍ଗ ଖୀରପାଇ ମୂଳନିବାସୀ ତଥା ସେକ୍ଟର-୧୬ ଅଞ୍ଚଳର ରଜେଶ କୁଣ୍ଡୁ(୫୦), କଟକ ରାଣୀଗୋଲା ମୂଳନିବାସୀ ତଥା ସେକ୍ଟର-୨ ଅଞ୍ଚଳର ଟୁକୁନା ମଲ୍ଲିକ(୪୮) ଓ ଝିରପାଣି ଅଞ୍ଚଳର ଉତ୍ତମ ଘୋଷ(୬୬)ଙ୍କୁ ମଧ୍ୟ ଗିରଫ କରାଯାଇଛି। ଉତ୍ତମ ସଞ୍ଜୟର ସହଯୋଗୀ ହୋଇଥିବାବେଳେ ଅନ୍ୟ ୨ଜଣ ହେଉଛନ୍ତି ଏଜେଣ୍ଟ। ସେମାନଙ୍କ ଠାରୁ ନଗଦ ୨୫ ଲକ୍ଷ ୩୭ ହଜାର ୨୬୦ ଟଙ୍କା, ୮ ମୋବାଇଲ, ୫ଟି ଖାତା, ଗୋଟିଏ କମ୍ପ୍ୟୁଟର ଓ ଗୋଟିଏ ପ୍ରିଣ୍ଟର ଜବତ କରାଯାଇଛି। ସମସ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏନେଇ ରାଉରକେଲା ଏସ୍‌ପି ନୀତେଶ ଓ୍ୱାଧୱାନୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ସଞ୍ଜୟ ସାହୁ ଓ ଉତ୍ତମ ବର୍ଷବର୍ଷ ହେଲା ରାଉରକେଲାରେ ଟେବୁଲ ପକାଇ ଲଟେରି ଟିକଟ କାରବାର ଆରମ୍ଭ କରିଥିଲେ। ରାଉରକେଲାରେ ନେଟୱର୍କ ବିସ୍ତାର କରିବାକୁ ରଖିଥିଲେ ୬୦ ଜଣ ଏଜେଣ୍ଟ। ଦିନକୁ ଜଣେ ଏଜେଣ୍ଟ ପ୍ରାୟ ୨୮ ହଜାର ଟଙ୍କାର ବେପାର କରୁଥିଲେ। ଅର୍ଥାତ୍ ସଞ୍ଜୟ ଓ ଉତ୍ତମ ଦିନକୁ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରୁଥିଲେ। ପ୍ରାୟ ୮ ବର୍ଷ ଭିତରେ ଦିନକୁ ୧୦ ଲକ୍ଷ ଅର୍ଥାତ୍ ହିସାବରେ ପ୍ରାୟ ୨୦୦ କୋଟିରୁ ଅଧିକ ଟଙ୍କାର ଠକେଇ କେବଳ ରାଉରକେଲାରେ ହୋଇଛି। ଏହି ରାକେଟ୍‌ର ନେଟୱର୍କ ଓଡିଶାର ବିଭିନ୍ନ ଜିଲ୍ଲା ସମେତ ଅନ୍ୟାନ୍ୟ ରାଜ୍ୟକୁ ମଧ ବ୍ୟାପିଛି। ଏନେଇ ପ୍ଲାଣ୍ଟସାଇଟ୍ ପୋଲିସକୁ ସୂଚନା ମିଳିବା ପରେ ରାଉରକେଲା ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ରାକେଟ୍‌ର ପର୍ଦ୍ଦାଫାସ୍ କରିଛି। ସାମ୍ବାଦିକ ସମ୍ମିଳନୀରେ ଏଏସ୍‌ପି ରାଜକିଶୋର ମିଶ୍ର, ଡିଏସ୍‌ପି ଯୋଗେଶ୍ୱର ପଣ୍ଡା ଓ ପାନପୋଷ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

ଏହି ଟିକଟ ନାଗାଲାଣ୍ଡ ରାଜ୍ୟ ଲଟେରି ନାମରେ ଛପା ହୋଇଥିଲା। ମୂଲ୍ୟ ଥିଲା ମାତ୍ର ୬ ଟଙ୍କା। ଅପରାହ୍ନ ୧ଟା, ସନ୍ଧ୍ୟା ୬ଟା ଓ ରାତି ୮ଟାରେ ଡ୍ର ହେଉଥିଲା। ନାଗାଲାଣ୍ଡଲଟେରିଜ୍ ଡଟ୍‌କମ୍‌ରେ ଲାଇଭ୍ ଡ୍ର କରାଯାଉଥିଲା।

## ପିଙ୍କି ଛକରେ ସିରିଜ୍ ଚୋରି

**ଦଶପଲ୍ଲା: ଏକ୍ସପ୍ରେସ ନ୍ୟୁଜ୍**

ଦଶପଲ୍ଲା ଥାନା ପିଙ୍କି ଛକ ସ୍ଥିତ ୧୫ନମ୍ବର ଗଳିରେ ସିରିଜ୍ ଚୋରି ହୋଇଛି। ଘରର ଝରକା ତାଡ଼ି ଘରେ ପଶି କଳାକନା ବୁଲାଇଛନ୍ତି ମୁଖାପିନ୍ଧା ୨ ଦୁର୍ବୃତ୍ତ। ଦୁର୍ବୃତ୍ତମାନେ ରାମଚନ୍ଦ୍ର ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ମିଶ୍ର ଏବଂ ପ୍ରଦୀପ କୁମାର ଦାସଙ୍କ ଘର ତାଲା ଭାଙ୍ଗି ଘରୁ କଳା କନା ବୁଲାଇଛନ୍ତି। ସେପଟେ ଦଶପଲ୍ଲା ପୁଲିସ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହେଇଛି।

ସୂଚନାଯୋଗ୍ୟ, କିଛି ଦିନ ତଳେ ଦଶପଲ୍ଲା ଥାନା ଭୋଗବାଡି ପଞ୍ଚାୟତ ସରପଞ୍ଚ ନିର୍ମଳା ସାହୁଙ୍କ ଘରୁ ବଡ଼ ଧରଣର ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ ସରପଞ୍ଚ ପରିବାର ଲୋକଙ୍କ ସହ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଘର ଭିତରୁ ଲୁଟ୍ କରିଥିଲେ। ଠାକୁରଙ୍କ ପିତଳ ମୂର୍ତ୍ତି ଠାରୁ ଆରମ୍ଭ କରି ଜମିବାଡି ପଟା ମଧ ଲୁଟି ନେଇଛନ୍ତି। ସକାଳୁ ଖବର ପାଇ ଦଶପଲ୍ଲା ପୋଲିସ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲା।

## ଜମି ବିବାଦକୁ ନେଇ ଗଣ୍ଡଗୋଳ, ୯ ଗିରଫ




**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ଥାନା ଅନ୍ତର୍ଗତ ନିଭରଣରେ ଜମିଜମା ବିବାଦକୁ ନେଇ ରକ୍ତପାତ ହୋଇ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇଥିଲି ନିଆଳି ଥାନାରେ ଉଭୟ ପକ୍ଷରୁ ଅଭିଯୋଗ କରିଥିଲେ ପୋଲିସ୍। ପ୍ରଥମ ଅଭିଯୋଗ କରି ଲତା ଦାସ୍‌ଙ୍କ ଅଭିଯୋଗରେ ୫୯୯ / ୨୫ରେ ମାମଲା ରୁଜୁ କରି ତିନିଜଣଙ୍କୁ ଗରଫ କରିଛି। ସେମାନେ ହେଲେ ଅଜୟ ଦାସ୍ (୪୨), ସଞ୍ଜୟ ଦାସ୍ (୪୦), ଭାସ୍କର ଦାସ୍ (୫୫ )ଗିରଫ କରିଛି। ଦ୍ୱିତିୟ ଅଭିଯୋଗକାରୀ ଭାସ୍କର ଦାସ୍। ଉକ୍ତ ଥାନାରେ ଅଭିଯୋଗ କରିଥିଲେ ପୋଲିସ୍ ୬୦୦/୨୫ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରିଛି ସେମାନେ ହେଲେ ସୁରଜ ଦାସ୍ (୭୦), ଉତ୍କଳ କିସୋର ଦାସ, (୨୦) ସମିର ଦାସ, ( ୪୮) ରବିନ୍ଦ୍ର ଦାସ (୫୪) ଜଳଧର ଦାସ୍ (୩୯), ବାବୁଲି ଦାସ୍ (୪୦) ଗିରଫ କରିଛି ଏହି ଘଟଣା ଧାନ କାଟିବାକୁ ନେଇ ଘଟିଛି। ସମସ୍ତଙ୍କୁ କୋର୍ଟ ଚାଲଣ କରାଯାଇଥିବା ପୋଲିସ୍ ସୂଚନା ଦେଇଛି।

## ବାଣିଜ୍ୟ

## ମହଙ୍ଗା ହେବ ଟ୍ରେନ୍ ଯାତ୍ରା; ୨୬ରୁ ବର୍ଦ୍ଧିତ ଦର ଲାଗୁ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ ରେଳବାଇ ରେଳ ଯାତ୍ରୀଙ୍କୁ ବଡ଼ ଝଟକା ଦେଇଛି। ନୂଆବର୍ଷ ପୂର୍ବରୁ, ଭାରତୀୟ ରେଳବାଇ ଭଡ଼ା ବୃଦ୍ଧି କରିବା ନେଇ ଘୋଷଣା କରିଛି। ଏହି ଘୋଷଣା ଅନୁଯାୟୀ, ଜେନେରାଲ, ମେଲ୍/ଏକ୍ସପ୍ରେସ୍ ଏବଂ ଏସି କୋଚ୍‌ର ଟିକେଟ ମହଙ୍ଗା ହେବ। ଭାରତୀୟ ରେଳବାଇ ଦ୍ୱାରା ଜାରି ଘୋଷଣା ଅନୁସାରେ, ଏହି ବର୍ଦ୍ଧିତ ଭଡ଼ା ହାର ଡିସେମ୍ବର ୨୬, ୨୦୨୫ରୁ ଲାଗୁ ହେବ। ତଥାପି, ଆଶ୍ୱସ୍ତି ପାଇଁ ରେଳବାଇ ସ୍ପଷ୍ଟ କରିଛି ଯେ, ଲୋକାଲ ଟ୍ରେନ୍ ଏବଂ ମାସିକ ସିଜନ୍ ଟିକେଟ୍ (ଏମଏସଟି)ର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ।



ଡିସେମ୍ବର ୨୬ ତାରିଖରୁ ଲାଗୁ ହୋଇଥିବା ଏହି ଭଡ଼ା ବୃଦ୍ଧି ଦୂରଗାମୀ ଯାତ୍ରୀଙ୍କୁ ପ୍ରଭାବିତ କରିବ। ୨୧୫ କିଲୋମିଟର ପର୍ଯ୍ୟନ୍ତ ସାଧାରଣ ଟ୍ରେନ୍ ପାଇଁ ଭଡ଼ା ଅପରିବର୍ତ୍ତିତ ରହିଛି। କିନ୍ତୁ, ଏହାଠାରୁ ଅଧିକ ଦୂରତା ପାଇଁ ପ୍ରତି କିଲୋମିଟରରେ ୧ ପଇସା ଏବଂ ମେଲ୍, ଏକ୍ସପ୍ରେସ୍ ଏବଂ ଏସି ଟ୍ରେନ୍ ପାଇଁ ପ୍ରତି କିଲୋମିଟରରେ ୨ ପଇସା ବୃଦ୍ଧି ପାଇବ। ସେହିଭଳି ନନ୍-ଏସି ଭଡ଼ାରେ ୫୦୦ କିଲୋମିଟର ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅତିରିକ୍ତ ୧୦ ଟଙ୍କା ଦେବାକୁ ପଡ଼ିବ। ଏହି ପରିବର୍ତ୍ତନ ଫଳରେ ଭାରତୀୟ ରେଳବାଇ ୬୦୦ କୋଟି ଟଙ୍କାର ରାଜସ୍ୱ ଲାଭ ହେବ ବୋଲି ଆକଳନ କରାଯାଇଛି। ରେଳବାଇର ଭଡ଼ା ବୃଦ୍ଧି ନିଷ୍ପତ୍ତି ସିଧାସଳଖ ଦୂରଗାମୀ ଯାତ୍ରୀଙ୍କ ବଜେଟ୍ ଉପରେ ପ୍ରଭାବ ପକାଇବ।

ଏହି ନିଷ୍ପତ୍ତି ପଛରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଳ ରାଜସ୍ୱ ବୃଦ୍ଧି କରିବା। ଏହି ଭଡ଼ା ବୃଦ୍ଧି ଭାରତୀୟ ରେଳ ପାଇଁ ଅତିରିକ୍ତ ୬୦୦ କୋଟି ଆୟ କରିବ। ଏହି ପରିମାଣ ରେଳବାଇର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ପୂରଣ କରିବାରେ ସାହାଯ୍ୟ କରିବ। ଏଥିରେ ରେଳ ଷ୍ଟେସନ ସୁବିଧା, କୋଚ୍ ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଗତ ୧୦ ବର୍ଷ ମଧ୍ୟରେ ରେଳବାଇ ଏହାର ନେଟୱାର୍କ ଏବଂ କାର୍ଯ୍ୟକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି, ଯାହା ଦେଶର ଦୂରବର୍ତ୍ତୀ କୋଣ ପର୍ଯ୍ୟନ୍ତ ପହଞ୍ଚିଛି।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା

**ଝାରସୁଗୁଡା: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ସହିତ ମିଳିତ ଭାବରେ, ଝାରସୁଗୁଡାର ସବୁଠାରୁ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ମଧ୍ୟରୁ ଗୋଟିଏ କୋଇଲିଘୁଘର ଜଳପ୍ରପାତରେ 'ପ୍ଲାଷ୍ଟିକ-ମୁକ୍ତ ପିକନିକ୍ ସ୍ପଟ୍' ଅଭିଯାନ ଅଧୀନରେ ଏକ ପ୍ରଭାବଶାଳୀ ସଚେତନତା ଅଭିଯାନ ଆୟୋଜନ କରିଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଅଭ୍ୟାସକୁ ଉତ୍ସାହିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ କରିବା।



ଏକକ-ବ୍ୟବହାର ପ୍ଲାଷ୍ଟିକକୁ ଦୂର କରିବା ପାଇଁ ଓଡିଶା ସରକାରଙ୍କ ନିର୍ଦ୍ଦେଶ ସହିତ ସମନ୍ୱିତ, କାର୍ଯ୍ୟକ୍ରମରେ ସ୍ଥାନରୁ ପ୍ଲାଷ୍ଟିକ ଆବର୍ଜନା ଅପସାରଣ କରିବା ଏବଂ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପରିଦର୍ଶକମାନଙ୍କୁ ସଚେତନ କରିବା ପାଇଁ ଏକ ବଡ ପରିମାଣର ସ୍ୱଚ୍ଛତା ଅଭିଯାନ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀମାନେ ପାରସ୍ପରିକ ପ୍ରତିଯୋଗିତା, ସାଂସ୍କୃତିକ ପ୍ରଦର୍ଶନ ଏବଂ ଜଙ୍ଗଲ, ଜଳାଶୟ ଏବଂ ବନ୍ୟପ୍ରାଣୀ ଉପରେ ପ୍ଲାଷ୍ଟିକ୍ ପ୍ରଦୂଷଣର ଦୀର୍ଘକାଳୀନ ପରିବେଶଗତ ପ୍ରଭାବ ଉପରେ ଆଲୋକପାତ କରି ଏକ ନୁକ୍କଡନାଟକ ମାଧ୍ୟମରେ ସକ୍ରିୟ ଭାବରେ ଜଡିତ ହୋଇଥିଲେ।

ଏହି କାର୍ଯ୍ୟକ୍ରମରେ ପାଞ୍ଚଟି ବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ କର୍ମଚାରୀ ସ୍ୱେଚ୍ଛାସେବକଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏଥିରେ କୁନାଲ ମୋତିରାମ ଚଭନ, ମନୁ ଅଶୋକ ଭଟ୍ ଏବଂ ହିରଣ୍ୟ କୁମାର ନାୟକଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବା, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଏବଂ ସାର୍ବଜନୀନ ସ୍ଥାନରେ ପ୍ଲାଷ୍ଟିକ୍ ମୁକ୍ତ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଜ୍ଞା କରିଥିଲେ। ଏହା ପରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ର, ଏସଏଚ୍‌ଜି ସଦସ୍ୟ ଏବଂ ସ୍ୱେଚ୍ଛାସେବକମାନଙ୍କୁ ସେମାନଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

ଏହି ପ୍ରୟାସ ବିଷୟରେ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, 'ବେଦାନ୍ତରେ, ଆମେ ସ୍ଥାୟୀତ୍ୱକୁ ଧାନର ଏକ ପ୍ରମୁଖ କ୍ଷେତ୍ର ଭାବରେ ଦେଖୁ, ଯାହା ଭୂମିରେ ନିର୍ଣ୍ଣାୟକ କାର୍ଯ୍ୟରେ ଦୃଢ ଭାବରେ ନିହିତ। କୋଇଲିଘୁଘର ଜଳପ୍ରପାତ ପରି ପ୍ରାକୃତିକ ସ୍ଥାନଗୁଡିକର ସଂରକ୍ଷଣ ପାଇଁ ଜନସଚେତନତା, ଅଂଶଗ୍ରହଣ ଏବଂ ଦୀର୍ଘକାଳୀନ ଆଚରଣଗତ ପରିବର୍ତ୍ତନ ଆବଶ୍ୟକ। 'ପ୍ଲାଷ୍ଟିକ-ମୁକ୍ତ ପିକନିକ୍ ସ୍ପଟ୍ -୨୦୨୫' ଭଳି ପଦକ୍ଷେପଗୁଡିକୁ ସମର୍ଥନ କରି, ଆମେ ପରିବେଶ ସଂରକ୍ଷଣରେ ସ୍ଥାନୀୟ ସମ୍ପ୍ରଦାୟ ସହିତ ସକ୍ରିୟ ଭାବରେ ଜଡିତ ହୋଇ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବାର ସମାନ ଦୃଷ୍ଟିକୋଣ ହାସଲ କରିବାକୁ ଲକ୍ଷ୍ୟ ରଖିଛୁ।'

ଝାରସୁଗୁଡାର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ କୁନାଲ ମୋତିରାମ ଚଭନ କହିଛନ୍ତି, 'ଛାତ୍ର, ସ୍ଥାନୀୟ ସମ୍ପ୍ରଦାୟ ଏବଂ ବେଦାନ୍ତ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ଆମ ପରିବେଶ ସୁରକ୍ଷାରେ ସାମୂହିକ କାର୍ଯ୍ୟର ଶକ୍ତି ପ୍ରଦର୍ଶନ କରେ। ଏହିପରି ପଦକ୍ଷେପଗୁଡିକ ଭବିଷ୍ୟତ ପିଢି ପାଇଁ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ହ୍ରାସ କରିବା ଏବଂ ଝାରସୁଗୁଡାର ପ୍ରାକୃତିକ ଭୂଦୃଶ୍ୟ ସଂରକ୍ଷଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।'

ପରିବେଶ-ଅନୁକୂଳ ଅଭ୍ୟାସଗୁଡିକୁ ପ୍ରୋତ୍ସାହିତ କରି, ପ୍ଲାଷ୍ଟିକ୍ ଅପଚୟ ହ୍ରାସ କରି ଏବଂ ପ୍ରାକୃତିକ ପରିସଂସ୍ଥାକୁ ସୁରକ୍ଷା ଦେବା ବିଷୟରେ ସଚେତନତା ବୃଦ୍ଧି କରି, ବେଦାନ୍ତ ଆଲୁମିନିୟମ୍ ସମ୍ପ୍ରଦାୟ ଏବଂ ଭବିଷ୍ୟତ ପିଢି ପାଇଁ ପରିବେଶ ସଂରକ୍ଷଣରେ ପରିବର୍ତ୍ତନକାରୀ ପ୍ରୟାସର ନେତୃତ୍ୱ ନେଇ ଚାଲିଛି।

ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମ୍ର ଉଦୀୟମାନ ପ୍ରୟୋଗଗୁଡିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

## ନୋରା ଫତେହିଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

## ସିନେମାଫିନେମା ଟିଭିଫିଭି



କାର୍ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ବଲିଉଡ୍ ଅଭିନେତ୍ରୀ ନୋରା ଫତେହି। ଶୁକ୍ରବାର ଅପରାହ୍ନରେ ମୁମ୍ବାଇର ପଶ୍ଚିମ ଉପନଗରରେ ଜଣେ ମଦ୍ୟପ ଗାଡ଼ି ଚାଳକ ତାଙ୍କ କାର୍‌କୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ ନୋରା ଫତେହି ସାମାନ୍ୟ ଆହତ ହୋଇଛନ୍ତି। ନୋରା ଏକ ସୋ ପାଇଁ ସନବର୍ଣ୍ଣ ସଙ୍ଗୀତ ମହୋତ୍ସବକୁ ଯୋଗ ଦେବାକୁ ଯାଉଥିବା ବେଳେ ଆମ୍ବୋଲିର ଲିଙ୍କ୍ ରୋ ଅପରାହ୍ନ ପ୍ରାୟ ୪ଟା ସମୟରେ ଏହି ଘଟଣା ଘଟିଥିଲା।

ଅଭିଯୁକ୍ତ ଜଣକ ୨୭ ବର୍ଷୀୟ ବିନୟ ସକପାଲ ବୋଲି ଜଣାପଡ଼ିଥିବା ବେଳେ ତାଙ୍କୁ ଗିରଫ କରାଯାଇଛି। ଦୁର୍ଘଟଣା ସମୟରେ ସେ ମଦ୍ୟପାନ କରିଥିବା ସନ୍ଦେହ କରାଯାଉଥିବା ଅଧିକାରୀମାନେ ନିଶ୍ଚିତ କରିଛନ୍ତି। ନୋରାଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ପାଇଁ ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କ ଅବସ୍ଥା ସ୍ଥିର ଥିବା ନିଶ୍ଚିତ କରାଯାଇଥିଲା। ମଦ୍ୟପ ଡ୍ରାଇଭରଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ହେପାଜତକୁ ନିଆଯାଇଥିବା ମୁମ୍ବାଇ ପୋଲିସ କହିଛି। ଡ୍ରାଇଭରଙ୍କ ବିରୋଧରେ ଦ୍ରୁତ ଗତିରେ ଗାଡ଼ି ଚାଳନା ଏବଂ ମଦ୍ୟପାନ କରି ଗାଡ଼ି ଚାଳନା କରିବା ସମ୍ପର୍କିତ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି।

ଘଟଣାର କିଛି ଘଣ୍ଟା ପରେ, ନୋରା ଇନଷ୍ଟାଗ୍ରାମରେ ଦୁର୍ଘଟଣା ସମୟର ଅନୁଭବ ସେୟାର କରିଥିଲେ। ଜନସାଧାରଣଙ୍କୁ ମଦ୍ୟପାନ କରି ଗାଡ଼ି ଚାଳନା ବିରୁଦ୍ଧରେ ସଚେତନ କରିଥିଲେ। ଦୁର୍ଘଟଣା ସମୟରେ ସେ କାର ସିଟ୍ ଉପରେ ପଡ଼ିଯାଇଥିଲେ ଏବଂ କାର୍ ୱିଣ୍ଡୋରେ ତାଙ୍କ ମୁଣ୍ଡ ପିଟି ହୋଇଥିବା ସେ କହିଥିଲେ। ସେ ଦୁର୍ଘଟଣାକୁ 'ଅତ୍ୟନ୍ତ ଭୟଙ୍କର' ବୋଲି କହିଥିଲେ। ଦୁର୍ଘଟଣାରେ ପରେ ସେ ସମ୍ପୂର୍ଣ୍ଣ ଠିକ୍ ଥିବା ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି। ଏଥିସହ ସେ ଲେଖିଛନ୍ତି 'ଶୁକ୍ରବାର ଅପରାହ୍ନରେ ମୁଁ ଏକ ଗୁରୁତର କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲି। ଜଣେ ମଦ୍ୟପ ବ୍ୟକ୍ତି ମୋ କାର୍‌କୁ ଧକ୍କା ଦେଇଥିଲେ। ଫଳରେ ମୋ କାର୍‌ଟି କ୍ଷତିଗ୍ରସ୍ତ ହେବା ସହ ୱିଣ୍ଡୋରେ ମୋ ମୁଣ୍ଡ ବାଜିଥିଲା'। ନୋରା ଆହୁରି ମଧ କହିଛନ୍ତି ଯେ, ତାଙ୍କୁ ସାମାନ୍ୟ ଆଘାତ ଲାଗିଛି, କିନ୍ତୁ ସେ ଏବେ ସୁସ୍ଥ ଅଛନ୍ତି। ସେ କହିଛନ୍ତ, ଏହି ଘଟଣା ମଦ୍ୟପାନ କରି ଗାଡ଼ି ଚଲାଇବାର ପରିଣତିକୁ ସବୁବେଳେ ମନେପକାଇବ। 'ମୁଁ ଏପରି ଜଣେ ମହିଳା ନୁହେଁ ଯିଏ ମଦ୍ୟପାନ କିମ୍ବା ଡ୍ରଗ୍ସ, ଭଳି ସାମଗ୍ରୀ ଯାହା ତୁମକୁ ଏକ ଭିନ୍ନ ମାନସିକ ସ୍ଥିତିରେ ପକାଏ, ତାକୁ ପ୍ରୋତ୍ସାହନ ଦିଏ। କୌଣସି ବ୍ୟକ୍ତି କେବେ ବି ମଦ୍ୟପାନ କରି ଗାଡ଼ି ଚଲାଇବା ଉଚିତ୍ ନୁହେଁ। ଏ ଦୁର୍ଘଟଣାରେ ନିଶ୍ଚିତ ଭାବେ ମୁଁ ମରୁ ମରୁ ବଞ୍ଚିଛି, ମୋ ସହ ଯାହା ଘଟିଛି ଆଉ କାହା ନ ଘଟୁ ବୋଲି ସେ କହିଛନ୍ତି। କହିରଖୁଛୁ ଯେ, ଚଳିତ ବର୍ଷ ମୁମ୍ବାଇରେ ଗୋଆରେ ପାରମ୍ପରିକ ଭାବରେ ଅନୁଷ୍ଠିତ ହେଉଥିବା ସନବର୍ଣ୍ଣ ମହୋତ୍ସବ ଆୟୋଜିତ ହୋଇଥିଲା। ଏହି ତିନି ଦିନିଆ ସଙ୍ଗୀତ ସମାରୋହ ଡିସେମ୍ବର ୧୯, ୨୦ ଏବଂ ୨୧ ତାରିଖ ତିନି ଦିନ ଯାଏଁ ଜାରି ରହିଥିଲା।

ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୯୫
୨୨ ଡିସେମ୍ବର, ୨୦୨୫ ସୋମବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 195
22nd December, 2025 Monday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ଟାଟା ପାୱାରର ମନମାନୀ ବିରୋଧରେ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

**ଭୁବନେଶ୍ୱର,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**




ବିଜୁଳି ଓ ଧାନ ସଂଗ୍ରହକୁ ନେଇ ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଲାଣି କଂଗ୍ରେସ। ବିଜୁଳି ବିଲ୍‌ରେ ଟାଟା ପାୱାରର ମନମନୀ, ରାଜ୍ୟରେ ଧାନ ସଂଗ୍ରହରେ ସମସ୍ୟା ଏବଂ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାଁ ପରିବର୍ତ୍ତନ ନେଇ ଆନ୍ଦୋଳନ ଡାକରା ଦେଇଛି କଂଗ୍ରେସ। ଆସନ୍ତା କାଲି ଅର୍ଥାତ୍ ଡିସେମ୍ବର ୨୨ ତାରିଖରେ ମନରେଗା ନାମ ପରିବର୍ତ୍ତନ ନେଇ ସମସ୍ତ ସାଂଗଠନିକ ଜିଲ୍ଲା ମୁଖ୍ୟାଳୟରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ଧାରଣା ଓ ବିଜେପି ବିରୋଧରେ ବିକ୍ଷୋଭ ଦଳ। ଜିଲ୍ଲା କଂଗ୍ରେସ ସଭାପତି, ଦଳର ଅନ୍ୟ ନେତୃତ୍ୱ ବୃନ୍ଦ ଓ କର୍ମୀମାନଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ ।

୨୩ ତାରିଖ ମଙ୍ଗଳବାର ଦିନ ଧାନ ସଂଗ୍ରହକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିବ କଂଗ୍ରେସ। ରାଜ୍ୟରେ ଧାନ ସଂଗ୍ରହରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଚାଷୀକୂଳ ହୀନସ୍ତା ହେଉଛନ୍ତି। ସବୁ ଜିଲ୍ଲା ମୁଖ୍ୟାଳୟରେ, ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତି ସାଙ୍ଗଠନିକ ଜିଲ୍ଲାର ନେତା ଓ କର୍ମୀମାନେ ଧାରଣା ଦେବେ।

୨୪ ତାରିଖ ବୁଧବାର ଦିନ ଧାନ ସଂଗ୍ରହରେ ସରକାରୀ ଚଞ୍ଚକତା ଓ ଅରାଜକତା ବିରୋଧରେ ଡିସିସି ପକ୍ଷରୁ ପ୍ରତି ଜିଲ୍ଲା ମୁଖ୍ୟାଳୟରେ ଶୋଭାଯାତ୍ରା ହେବ। ତେବେ କେଉଁ ସ୍ଥାନରୁ କେଉଁ ସ୍ଥାନ ପର୍ଯ୍ୟନ୍ତ ଶୋଭାଯାତ୍ରା ହେବ, ସେ ସବୁ ସଂପୃକ୍ତ ଜିଲ୍ଲା ସଭାପତିମାନେ ତାହା ନିର୍ଣ୍ଣୟ ନେବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।

ସେହିପରି ୨୬ ତାରିଖ ଶୁକ୍ରବାର ଦିନ ଟାଟା ପାୱାରର ମନମୁଖୀ କାର୍ଯ୍ୟ ବିରୋଧରେ ବ୍ୟାପକ ଜନଜାଗରଣ କରାଯିବ। 'ଆମେ ଟାଟା କମ୍ପାନିକୁ ଏଏସଡି ବା ଅତିରିକ୍ତ ସୁରକ୍ଷା ଜମାରାଶି ଦେବୁ ନାହିଁ', 'ଗ୍ରାହକଙ୍କୁ ଶୋଷଣ ବନ୍ଦ କର', 'ଟାଟା ପାୱାରକୁ ବିଦା କର' ଆଦି ନାରା ଦେଇ ଡିସିସି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ହେବ। ଏଥିରେ ପ୍ରତି ଜିଲ୍ଲା ମୁଖ୍ୟାଳୟରେ ବହୁ ସଂଖ୍ୟାରେ କର୍ମୀମାନେ ସାମିଲ ହେବାର ଯୋଜନା ରହିଛି। କଂଗ୍ରେସର ଶୀର୍ଷ ନେତା ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଜନଜାଗରଣ ସୃଷ୍ଟି କରିବେ।

୨୯ ତାରିଖ ସୋମବାର ଦିନ ଏଏସଡି ପ୍ରତ୍ୟାହାର ଦାବିରେ ପ୍ରତି ଜିଲ୍ଲା ମୁଖ୍ୟାଳୟର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରାଉ କରିବ ରାଜ୍ୟ କଂଗ୍ରେସ।

# ଲାଞ୍ଚ ନେଇ ସେନା ଅଧିକାରୀ ଗିରଫ

**ନୂଆଦିଲ୍ଲୀ,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରତିରକ୍ଷା ମନ୍ତ୍ରଣାଳୟରେ

### ଘରୁ ୨.୩୬ କୋଟି ଟଙ୍କା ଜବତ

ନିୟୋଜିତ ଜଣେ ସେନା ଅଧିକାରୀଙ୍କୁ ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି। ଲେଫ୍ଟନାଣ୍ଟ କର୍ଣ୍ଣେଲ ଦୀପକ କୁମାର ଶର୍ମାଙ୍କ ବିରୁଦ୍ଧରେ ବେଙ୍ଗାଲୁରୁର ଏକ କମ୍ପାନୀରୁ ୩ ଲକ୍ଷ ଟଙ୍କା ଲାଞ୍ଚ ନେବାର ଅଭିଯୋଗ ହୋଇଛି।

ଶର୍ମାଙ୍କ ଘରୁ ସିବିଆଇ ୨.୩୬ କୋଟି ଟଙ୍କା ମଧ୍ୟ ଜବତ କରିଛି। ଶର୍ମାଙ୍କ ପତ୍ନୀ କର୍ଣ୍ଣେଲ କାଜଲ ବାଲିଙ୍କ ବିରୋଧରେ ମଧ ସିବିଆଇ ମାମଲା ରୁଜୁ କରିଛି। ତଲାସୀ ସମୟରେ କାଜଲଙ୍କ ଘରୁ ୧୦ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି।

କାଜଲ ଶ୍ରୀଗଙ୍ଗାନଗର (ରାଜସ୍ଥାନ)ରେ ଥିବା ଡିଭିଜନର କମାଣ୍ଡିଂ ଅଫିସର। ଏହି ମାମଲାରେ ମଧ୍ୟସ୍ଥି ବିନୋଦ କୁମାରଙ୍କୁ ମଧ ଗିରଫ କରାଯାଇଛି। ଉଭୟ ଡିସେମ୍ବର ୨୩ ପର୍ଯ୍ୟନ୍ତ ସିବିଆଇ ହେପାଜତରେ ରହିବେ।

ଡିସେମ୍ବର ୧୯ ତାରିଖରେ ମିଳିଥିବା ସୂଚନା ଆଧାରରେ ମାମଲା ରୁଜୁ କରାଯାଇଛି। ସିବିଆଇ ଅନୁଯାୟୀ, ଲେଫ୍ଟନାଣ୍ଟ କର୍ଣ୍ଣେଲଙ୍କ ବିରୋଧରେ ପ୍ରତିରକ୍ଷା ଉତ୍ପାଦର ନିର୍ମାଣ ଏବଂ ରପ୍ତାନିରେ ଜଡିତ ଘରୋଇ କମ୍ପାନୀଗୁଡ଼ିକୁ ଲାଭ




ପହଞ୍ଚାଇବାର ଅଭିଯୋଗ ରହିଛି।

ସମ୍ବାଦ ସରବରାହ ସଂସ୍ଥା ଏଏନ୍ଆଇ ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସୂଚନା ଆଧାରରେ ଖବର କରିଛି ଯେ, ଭାରତ ସରକାରଙ୍କ ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେନା ଅଧିକାରୀଙ୍କ ଗିରଫଦାରୀ ଦୁର୍ନୀତି ରୋକିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି।

ସିବିଆଇକୁ ବେଙ୍ଗାଲୁରୁର ଏକ କମ୍ପାନୀରୁ ସମ୍ଭାବ୍ୟ ଲାଞ୍ଚ ପ୍ରଦାନ ବିଷୟରେ ସୂଚନା ମିଳିଥିଲା। ଏହାର କାର୍ଯ୍ୟ ରାଜୀବ ଯାଦବ ଏବଂ ରଭଜିତ ସିଂହ ନାମକ ଦୁଇଜଣ ବ୍ୟକ୍ତି ପରିଚାଳନା କରୁଥିଲେ। ଦୁହେଁ ଶର୍ମାଙ୍କ ସହିତ ଯୋଗାଯୋଗରେ ଥିଲେ ଏବଂ ବିଭିନ୍ନ ସରକାରୀ ବିଭାଗ ଏବଂ ମନ୍ତ୍ରଣାଳୟରୁ କମ୍ପାନୀ ପାଇଁ ବେଆଇନ ରାଶି ହାସଲ କରିବାକୁ ଚେଷ୍ଟା କରୁଥିଲେ।

ଗିରଫ ହୋଇଥିବା ଦ୍ୱିତୀୟ ଅଭିଯୁକ୍ତ ବିନୋଦ କୁମାର, ବେଙ୍ଗାଲୁରୁର ଏହି କମ୍ପାନୀର ନିର୍ଦ୍ଦେଶରେ ଡିସେମ୍ବର ୧୮ ତାରିଖରେ ଦୀପକ କୁମାର ଶର୍ମାଙ୍କୁ ୩ ଲକ୍ଷ ଟଙ୍କା ଲାଞ୍ଚ ଦେଇଥିଲେ। ସୂଚନା ପାଇବା ପରେ, ତଦନ୍ତକାରୀ ସଂସ୍ଥା ଶ୍ରୀଗଙ୍ଗାନଗର, ବେଙ୍ଗାଲୁରୁ ଏବଂ ଜମ୍ମୁ ସମେତ ଅନେକ ସ୍ଥାନରେ ଚଢ଼ାଉ କରିଥିଲା। ଦିଲ୍ଲୀରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଶର୍ମାଙ୍କ ଘରେ ଚଢ଼ାଉ ସମୟରେ ୩ ଲକ୍ଷ ସମେତ ୨.୨୩ କୋଟି ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି।

## ବିଦ୍ୟୁତ ବ୍ୟବହାର କମିଥିବା ବର୍ଷ କେତେ ଉପଭୋକ୍ତାଙ୍କୁ ଟଙ୍କା ଫେରାଇଛି ଟାଟା ?

**ଭୁବନେଶ୍ୱର,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ନୋଟିସ୍‌କୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ। ସେ କହିଛନ୍ତି, ଟାଟା ପାୱାର ଅନୁଯାୟୀ ଅତିରିକ୍ତ ସୁରକ୍ଷା ଜମା ଆଇନ ସମ୍ମତ। ହେଲେ ରାଜ୍ୟର ୧.୨୦ କୋଟି ଉପଭୋକ୍ତାଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଅତିରିକ୍ତ ସୁରକ୍ଷା ଜମା ବିଲ୍ ପଠାଇଛି ଟାଟା।

ଯେଉଁ ବର୍ଷ ବିଦ୍ୟୁତ ବ୍ୟବହାର କମିଛି, କେତେ ଉପଭୋକ୍ତାଙ୍କୁ ଟଙ୍କା ଫେରସ୍ତ କରିଛି ଟାଟା ବୋଲି ପଞ୍ଚାନନ ପ୍ରଶ୍ନ କରିଛନ୍ତି। ଟଙ୍କା ବଢିବା ନେଇ ଫେବୃଆରୀରେ ବୈଠକ ହୋଇ ମାର୍ଚ୍ଚରେ ନିଷ୍ପତ୍ତି ନିଆଯାଇଥାଏ। ଓଇଆରସି ଅଧ୍ୟକ୍ଷଙ୍କ ସହ ଆଲୋଚନା ହୋଇଛି କି ? ଟାଟା କହିଲା ଯେ ଅନ୍ୟ ରାଜ୍ୟରେ ଅଧିକ ଟଙ୍କା ଅଛି, ତେବେ ସେ ସବୁ ରାଜ୍ୟ ବିଦ୍ୟୁତ ଉତ୍ପାଦନ କରନ୍ତି ନାହିଁ ହେଲେ ଓଡ଼ିଶାରେ ବିଦ୍ୟୁତ ଉତ୍ପାଦନ ହୁଏ।

ଚଳିତ ବର୍ଷ ୧୬%କୁ ଟ୍ରାନ୍ସମିଶନ କମିଛି ଯାହା ପୂର୍ବରୁ ୪୭% ଥିଲା। ଏହି ହିସାବରେ ବିଦ୍ୟୁତ ଦର କମିବା କଥା। ୮୮ ପଇସା ୟୁନିଟ୍ ଖର୍ଚ୍ଚ କମିବା କଥା। ସରକାର ଏ ସବୁ ଜାଣିଛନ୍ତି ନା ନାହିଁ ? ଜନମତ ଏହା ବିରୋଧରେ ଗଲାଣି ବୋଲି ପଞ୍ଚାନନ କାନୁନଗୋ କହିଛନ୍ତି ।

# ଘନ କୁହୁଡ଼ି ଯୋଗୁ ୧୧୦ରୁ ଅଧିକ ବିମାନ ବାତିଲ

**ନୂଆଦିଲ୍ଲୀ,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ଇନ୍ଦିରାଗାନ୍ଧି ଇଣ୍ଟରନ୍ୟାସନାଲ ଏୟାରପୋର୍ଟ (ଆଇଜିଆଇଏ)ରେ ଘନ କୁହୁଡ଼ି ଓ ଦୃଶ୍ୟତା ହ୍ରାସ ଯୋଗୁ ବିମାନ ଯାତାୟାତ ରବିବାର ଗୁରୁତର ପ୍ରଭାବିତ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ୧୧୦ରୁ ଅଧିକ ଉଡାଣ ବାତିଲ ହେଲାଣି। ସେହିପରି ୩୭୦ ରୁ ଅଧିକ ବିମାନ ବିଳମ୍ବିତ ହେଉଛି। ଯାତ୍ରୀଙ୍କୁ ଦୀର୍ଘ ଅପେକ୍ଷା କରିବାକୁ ପଡୁଥିବା ବେଳେ ଏୟାରପୋର୍ଟରେ ଜନଗହଳି ବଢିବାରେ ଲାଗିଛି। ଏୟାରପୋର୍ଟ ଅଧିକାରୀଙ୍କ ଅନୁସାରେ ରଦ୍ଦ ହୋଇଥିବା ୧୧୦ ଉଡାଣ ମଧ୍ୟରୁ ୫୯ଟି ଆସିବାକୁ ଥିବା ଓ ୫୧ଟି ଯିବାକୁ ଥିବା ଫ୍ଲାଇଟ୍ ଅଛନ୍ତି।

ସେହିପରି ୩୭୦ରୁ ଅଧିକ ବିମାନ ଉଡାଣ ଓ ଅବତରଣରେ ୨୬ ମିନିଟ୍ ବିଳମ୍ବ ରେକର୍ଡ କରାଯାଇଛି। ଘନ କୁହୁଡ଼ି ଓ କମ ଦୃଶ୍ୟତା ଯୋଗୁ ଏପରି ପରିସ୍ଥିତି ଉପୁଜିଛି। ଦିଲ୍ଲୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ (ଡିଆଇଏଏଲ) ଅନୁସାରେ ତମାମ ଅସୁବିଧା ସତ୍ତ୍ୱେ ଏୟାରପୋର୍ଟରେ ଅପରେସନ ଜାରି ରହିଛି। ଆଇଜିଆଇ ଏୟାରପୋର୍ଟ ଦୈନିକ ପ୍ରାୟ ୧୩୦୦ ଉଡାଣ ସଞ୍ଚାଳନ କରିଥାଏ। ଏଣୁ ପାଣିପାଗ ଜନିତ ସମସ୍ୟାର ପ୍ରଭାବ ଏଠାରେ ଖୁବ୍‌ଶୀଘ୍ର ଦେଖାଯାଇଥାଏ। ଗତ କିଛିଦିନ ହେଲା ଲଗାତାର କୁହୁଡ଼ି କାରଣରୁ ଦିଲ୍ଲୀ ଓ ଉତ୍ତର ଭାରତର ଅନେକ ଏୟାରପୋର୍ଟରେ ଫ୍ଲାଇଟ୍ ଅପରେସନ ପ୍ରଭାବିତ ହେଉଛି।

ଏଥି ମଧ୍ୟରେ ସେଣ୍ଟ୍ରାଲ ପଲ୍ୟୁସନ ବୋର୍ଡ (ସିପିସିବି)ଙ୍କ ରିପୋର୍ଟ ଜାତୀୟ ରାଜଧାନୀରେ ଚିନ୍ତାକୁ ଆହୁରି ବଢ଼େଇ ଦେଇଛି। ରବିବାର ସକାଳେ ଦିଲ୍ଲୀ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୮୬ ରେକର୍ଡ ହୋଇଛି। ଯାହା ବହୁତ ଖରାପ ବା ଗମ୍ଭୀର ଶ୍ରେଣୀରେ ରହିଛି। ସହରର ୧୬ ମନିଟରିଂ ଷ୍ଟେସନରେ ଏକ୍ୟୁଆଇ ଗୁରୁତର ସ୍ଥିତିରେ ରହିଛି। ଏବେକା ପରିସ୍ଥିତିରେ ଦିଲ୍ଲୀର ବାୟୁ ସ୍ୱାସ୍ଥ୍ୟ ଲାଗି ବିପଦଜନକ ହୋଇ ରହିଛି। ଏଥିରେ ପାଣିପାଗ ସ୍ଥିତି ପରିସ୍ଥିତିକୁ ଆହୁରି ଜଟିଳ କରିଛି। ଜାତୀୟ ରାଜଧାନୀର ସର୍ବ ନିମ୍ନ ତାପମାତ୍ରା ୯.୪ ଡିଗ୍ରି ସେଲସିୟସ ରେକର୍ଡ



କରାଯାଇଥିବା ବେଳେ ଅଧିକତମ ତାପାମାତ୍ରା ୧୭ ଡିଗ୍ରି ସେଲସିୟସ ରହିପାରେ ବୋଲି ଅନୁମାନ କରାଯାଉଛି। ଏଣୁ ଦିଲ୍ଲୀ ଏବେ ଥଣ୍ଡାରେ ଥରୁଛି।

ଉତ୍ତର ଭାରତର ପାର୍ବତ୍ୟ ଅଞ୍ଚଳରେ ଭୀଷଣ ହୀମପାତ ହେଉଥିବା ବେଳେ ସମତଳରେ ବର୍ଷାର ପ୍ରଭାବ ଆଜି ଶ୍ରୀନଗର ଏୟାରପୋର୍ଟରେ ଦେଖିବାକୁ ମିଳିଛି। ଏଠାରେ ଅନୁନ୍ୟ ୧୧ଟି ଫ୍ଲାଇଟ୍ କ୍ୟାନସଲ କରାଯାଇଛି। ଏବେ ଏୟାରପୋର୍ଟରେ ଏପ୍ରନରେ ୪ଟି ବିମାନ ଷ୍ଟାଣ୍ଡବାୟ ରହିଛନ୍ତି। ପାଗ ସଫା ହେଲେ ପୁଣି ଉଡାଣ ସଞ୍ଚାଳ ଆରମ୍ଭ ହେବ ବୋଲି ଏୟାରପୋର୍ଟ କର୍ତ୍ତୃପକ୍ଷ କହିଛନ୍ତି।

## ଇଲେକ୍ଟୋରାଲ ବଣ୍ଡ ବନ୍ଦ ପରେ ବି ମିଳିଛି ୩ ଗୁଣା ଅଧିକ ଚାନ୍ଦା

**ନୂଆଦିଲ୍ଲୀ,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟଙ୍କ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ଉପରେ ପ୍ରତିବନ୍ଧକ ଲାଗିବାର ଗୋଟିଏ ବର୍ଷ ପରେ ଆଶ୍ଚର୍ଯ୍ୟଜନକ ଚିତ୍ର ସାମ୍ନାକୁ ଆସିଛି। କମ୍ପାନିମାନଙ୍କ ଦ୍ୱାରା ସମର୍ଥିତ ରାଜନୈତିକ ଦଳଙ୍କୁ ଆଖି ଖୋସି ହୋଇଗଲା ଭଳି ଚାନ୍ଦା ମିଳିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ବନ୍ଦ କରାଯିବା ପରେ ପ୍ରଥମ ଆର୍ଥିକ ବର୍ଷରେ ରାଜନୈତିକ ଦଳମାନଙ୍କ ଉପରେ ଟଙ୍କା ବର୍ଷା ହୋଇଛି। ଚାନ୍ଦା ଦେବା ମାମଲାରେ ୩ ଗୁଣା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଇଲେକ୍ଟୋରାଲ ଟ୍ରଷ୍ଟ ମୋଟ ୩୮୧୧ କୋଟି ଟଙ୍କା ବିଭିନ୍ନ ଦଳକୁ ଚାନ୍ଦା ଆକାରରେ ମିଳିଛି। ଏଥିରେ ସବୁଠାରୁ ଅଧିକ ଚାନ୍ଦା ବିଜେପିକୁ ମିଳିଥିବା ବେଳେ ଦ୍ୱିତୀୟ ସ୍ଥାନରେ କଂଗ୍ରେସ ରହିଛି ।

ସୁପ୍ରିମକୋର୍ଟଙ୍କ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ଉପରେ ପ୍ରତିବନ୍ଧକ ଲଗାଯିବା ପରେ କର୍ପୋରେଟ୍ ସମର୍ଥିତ ଇଲେକ୍ଟୋରାଲ ଟ୍ରଷ୍ଟ ମାଧ୍ୟମରେ ରାଜନୈତିକ ଦଳମାନେ ଭରପୂର ଚାନ୍ଦା ପାଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଚାନ୍ଦା ଆକାରରେ ୧୨୧୮ କୋଟି ଟଙ୍କା ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଚାନ୍ଦାର ପରିମାଣ ୩୮୧୧ କୋଟିରେ ପହଂଚିଛି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ମୁତାବକ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯାଇଥିବା ଯୋଗଦାନ ବିବରଣୀରେ ଏହି ରାଶିର ସବୁଠାରୁ ବଡ ଭାଗ ବିଜେପିକୁ ଯାଇଛି। ମୋଟ ଚାନ୍ଦାର ୮୨ ପ୍ରତିଶତ ବିଜେପିକୁ ଯାଇଥିବା କୁହାଯାଇଛି। ସେହିଭଳି କଂଗ୍ରେସକୁ ୨୯୯ କୋଟି ଅର୍ଥାତ ୮ ପ୍ରତିଶତ ମିଳିଥିବା ବେଳେ ଅନ୍ୟାନ୍ୟ ରାଜନୈତିକ ଦଳମାନଙ୍କୁ ମୋଟ ୧୦ ପ୍ରତିଶତ ଚାନ୍ଦା ଆକାରରେ ମିଳିଛି।

ରିପୋର୍ଟ ମୁତାବକ ଏପର୍ଯ୍ୟନ୍ତ ମୋଟ ୧୯ଟି ଇଲେକ୍ଟୋରାଲ ଟ୍ରଷ୍ଟ ପଞ୍ଜିକୃତ ହୋଇଛନ୍ତି। ହେଲେ ଡିସେମ୍ବର ୨୦ ତାରିଖ ସୁଦ୍ଧା ୧୩ଟି ଟ୍ରଷ୍ଟର ବିବରଣୀ ନିର୍ବାଚନ ଆୟୋଗ ୱେବସାଇଟରେ ପ୍ରକାଶ ପାଇଛି। ଏଥିରେ ୯ଟି ଟ୍ରଷ୍ଟ ଚାନ୍ଦା ଦେବା ତାଲିକାରେ ରହିଛନ୍ତି। ହେଲେ ଅନ୍ୟ ୪ଟି ଟ୍ରଷ୍ଟ ଚଳିତ ଆର୍ଥିକ ବର୍ଷରେ କୌଣସି ଚାନ୍ଦା ଦେଇନାହାଁନ୍ତି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ବିଜେପିକୁ ସବୁଠାରୁ ଅଧିକ ଚାନ୍ଦା ଦେଇଛି। ଏହି ଟ୍ରଷ୍ଟ ବିଜେପିକୁ ୨୧୮୦ କୋଟି ଟଙ୍କା ଚାନ୍ଦା ଦେଇଛି। ପ୍ରୁଡେଣ୍ଟ ଟ୍ରଷ୍ଟ ସହିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ମେଘା ଇଂଜିନିୟରିଂ, ଭାରତୀ ଏୟାରଟେଲ, ଅରୋବିନ୍ଦ ଫାର୍ମା ଓ ଟରେଣ୍ଟୋ ଫାର୍ମାସ୍ୟୁଟିକାଲ ଜଡିତ ରହିଛି। ଏହି ଟ୍ରଷ୍ଟ କଂଗ୍ରେସ,ଟିଏମସି, ଆମ୍ ଆଦମୀ ପାର୍ଟି, ତେଲୁଗ ଦେଶମ୍ ପାର୍ଟିକୁ ବି ଚାନ୍ଦା ଦେଇଛି। ହେଲେ ମୋଟ ଚାନ୍ଦାର ୮୨ ପ୍ରତିଶତ ବିଜେପି ପାଖକୁ ଯାଇଛି।

ସେହିଭଳି ପ୍ରୋଗ୍ରେସିଭ୍ ଇଲେକ୍ଟୋରାଲ ଟ୍ରଷ୍ଟ ୨୦୨୪-୨୫ ଆର୍ଥିକ ବର୍ଷରେ ୯୧୭ କୋଟି ଟଙ୍କା ଚାନ୍ଦା ଗୋଟାଇଛି। ଏଥିରୁ ୯୧୪.୯୭ କୋଟି ଟଙ୍କା ରାଜନୈତିକ ଦଳମାନଙ୍କୁ ଯାଇଛି। ୮୦.୮୨ ପ୍ରତିଶତ ଚାନ୍ଦା ବିଜେପି ପାଖକୁ ଯାଇଛି। ଏହି ଟ୍ରଷ୍ଟକୁ ମୁଖ୍ୟତଃ ଟାଟାଗ୍ରୁପ ଚାନ୍ଦା ଦେଇଛି।

## ଚିଲିକାରେ ବୁଡ଼ିଗଲେ ପର୍ଯ୍ୟଟକ

**ପୁରୀ,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚିଲିକାରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ପର୍ଯ୍ୟଟକ ଜଣକ ସାତପଡ଼ା ବୁଲିବାକୁ ଯାଇଥିବା ସମୟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସମ୍ପୃକ୍ତ ପର୍ଯ୍ୟଟକଙ୍କ ପରିଚୟ ଜଣାପଡ଼ି ନାହିଁ। ସୂଚନା ଅନୁସାରେ, ସମ୍ପୃକ୍ତ ପର୍ଯ୍ୟଟକ ସାତପଡ଼ା ବୁଲିବାକୁ ଯାଇଥିବା ସମୟରେ ଚିଲିକା ମୁହାଣ ମୁହଁରେ ଗାଧୋଉଥିଲେ। ଏହି ସମୟରେ ପ୍ରଖର ସ୍ରୋତରେ ସେ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ। ବାଘମୁଣ୍ଡା କୂଳରୁ ଉକ୍ତ ପର୍ଯ୍ୟଟକଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ଜବତ କରିଛି।

## ଦରମା ବଢ଼ାଇ ସରକାର ମସ୍ତବଡ଼ ଭୁଲ କରିଛନ୍ତି: ନରସିଂହ

**ଭୁବନେଶ୍ୱର,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗକୁ ନେଇ ରବିବାର ମୁହଁ ଖୋଲିଛନ୍ତି ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର। ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ସେ ଉଦ୍‌ବେଗ ପ୍ରକାଶ କରିବା ସହ ସରକାରଙ୍କ ଏହି ନିଷ୍ପତ୍ତି ମସ୍ତବଡ ବଡ ଭୁଲ ନିଷ୍ପତ୍ତି ବୋଲି କହିଛନ୍ତି ନରସିଂହ ମିଶ୍ର। ଯେଉଁ ବିଧାୟକମାନେ ଦରମା ବୃଦ୍ଧି କରାଯିବା ନେଇ ଦାବି କରୁଛନ୍ତି ସେମାନଙ୍କର ଦରମା ବୃଦ୍ଧି କରିବା ଦରକାର। ଏହା ଲୋକଙ୍କ ସରକାର କି ବଡବଡିଆ ସରକାର ବୋଲି ପ୍ରଶ୍ନ କରିବା ସହ ସରକାରଙ୍କୁ ଟେର୍ଚ୍ଛା ବାଣ ମାରିଛନ୍ତି ନରସିଂହ। ବିଧାନସଭା ଗୃହରେ ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ବିଲ୍ ପାରିତ ହେବାପରେ ପ୍ରଥମେ ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିରୋଧ କରିଥିଲେ। ତାଙ୍କ ପରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମଧ ବିରୋଧ କରିଥିଲେ ଏବଂ ଶାସକଦଳର ବିଧାୟକମାନେ ଏହି ବିଲ୍ ଉପରେ ପୁନଃ ଆଲୋଚନା କରାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଦାବିପତ୍ର ଦେଇଥିଲେ।

## ମାଓବାଦୀ ଶିବିର ଠାବ: ବିପୁଳ ଅସ୍ତ୍ରଶସ୍ତ୍ର ଜବତ

**ଭୁବନେଶ୍ୱର,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଦଇଡ଼ାପାନି ଜଙ୍ଗଲରେ ମାଓବାଦୀ ଶିବିର ଠାବ ହୋଇଛି। ଶିବିରରେ ମାଓବାଦୀ ନ ଥିବାବେଳେ ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି ସୁରକ୍ଷାବାହିନୀ।

ସୂଚନା ଅନୁସାରେ, ଗରିଆବନ୍ଦର ମେନପୁର ଅନ୍ତର୍ଗତ ଦଇଡ଼ାପାନି ଜଙ୍ଗଲରେ ମାଓବାଦୀ ଶିବିର କରି ରହୁଥିବା ନେଇ ସୁରକ୍ଷା ବାହିନୀଙ୍କୁ ଗୁପ୍ତ ସୂଚନା ମିଳିଥିଲା। ସେହି ଆଧାରରେ ସୁରକ୍ଷା ବଳଙ୍କ ପକ୍ଷରୁ ଜଙ୍ଗଲରେ ସର୍ଚ୍ଚ ଅପରେସନ କରାଯାଇଥିଲା। ରବିବାର ଜଙ୍ଗଲ ଭିତରୁ ମାଓବାଦୀ ଶିବିର ଠାବ ହୋଇଥିବାବେଳେ ସେଠାରୁ ବହୁ ପରିମାଣରେ ମୋର୍ଟାର ଲଞ୍ଚର ଏବଂ ବନ୍ଧୁକ ଜବତ ହୋଇଛି।

# ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ବିନିଯୋଗ କରୁନାହାନ୍ତି ଲୋକେ

**ଭୁବନେଶ୍ୱର,୨୧।୧୨**
**ତଥ୍ୟ**

ସମସ୍ତ ପ୍ରକାର ପ୍ରଚାର ପ୍ରସାର ସତ୍ତ୍ୱେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ବିନିଯୋଗ ପାଇଁ ଲୋକେ ରାଜି ହେଉନାହାନ୍ତି। ଗତ ଆର୍ଥିକ ବର୍ଷରେ ସ୍ୱଳ୍ପ ସଞ୍ଚୟ ଯୋଜନା ଜରିଆରେ ରାଜ୍ୟ ସରକାର ୧୧,୦୦୦ କୋଟି ଟଙ୍କା ସଂଗ୍ରହ କରିବେ ବୋଲି ଲକ୍ଷ୍ୟ ରଖିଥିବାବେଳେ ସଂଗ୍ରହ ପରିମାଣ ୧୦ହଜାର ଟଙ୍କାକୁ ଟପିପାରି ନାହିଁ।

ଗତ ବର୍ଷ ଯେଉଁ ୧୧ହଜାର କୋଟିର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ସେଥିରେ ସର୍ବାଧିକ ୧୨୬୦ କୋଟି ଟଙ୍କା ଗଞ୍ଜାମରୁ ଥିଲା । ହେଲେ ଗଞ୍ଜାମରୁ ସଂଗ୍ରହ ହୋଇଛି ୧୦୭୩ କୋଟି ୩୩ଲକ୍ଷ ଟଙ୍କା । ସେହିଭଳି ଦ୍ୱିତୀୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ହୋଇଥିଲା ଖୋର୍ଦ୍ଧାରୁ । ଖୋର୍ଦ୍ଧାରୁ ୧୨୨୯ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ଥିବାବେଳେ ଆସିଥିବା ୧୦୦୯କୋଟି ୨୦ଲକ୍ଷ ଟଙ୍କା ।

ସେହିଭଳି କଟକ ପାଇଁ ୯୪୨ କୋଟିର ଲକ୍ଷ୍ୟ ଥିବବେଳେ ସଂଗ୍ରହ ଅର୍ଥ ପରିମାଣ ୮୩୨.୮୩ କୋଟି ଟଙ୍କାରେ ସୀମିତ ରହିଥିଲା । କେନ୍ଦ୍ରାପଡାରୁ ୪୦୪କୋଟି ସ୍ଥାନରେ ୩୭୫.୯୪ କୋଟି, ଯାଜପୁରରେ ୫୪୪ କୋଟି ସ୍ଥାନରେ ୫୨୮.୯୧କୋଟି, ଜଗତ୍‌ସିଂହପୁରରେ ୪୫୭ କୋଟି ସ୍ଥାନରେ ୩୭୫.୪୩ କୋଟି ଟଙ୍କା



ସଂଗ୍ରହ କରାଯାଇଥିଲା । ଭଦ୍ରକରେ ୫୧୩କୋଟି ଟଙ୍କା ସ୍ଥାନରେ ୪୫୫.୩୧କୋଟି ସଂଗ୍ରହ ହୋଇଥିବାବେଳେ ବାଲେଶ୍ୱରରେ ଏହି ପରିମାଣ ୬୪୭ କୋଟି ସ୍ଥାନରେ ୫୭୫.୪୪ କୋଟି ଟଙ୍କା ସଂଗ୍ରହ ହୋଇଥିଲା।

ଲୋକେ କିଭଳି ସ୍ୱଳ୍ପ ସଞ୍ଚୟ ଯୋଜନା ପ୍ରତି ଆକୃଷ୍ଟ ହେବେ ସେଥିପାଇଁ ସେମାନଙ୍କ ମଧ୍ୟରେ ସଞ୍ଚୟ ମନୋଭାବ ସୃଷ୍ଟି କରିବା, ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା, ମିତବ୍ୟୟୀ ହୋଇ ଏକ ସ୍ୱଚ୍ଛଳ ଓ ଆର୍ଥିକ ଦୃଷ୍ଟି କୋଣରୁ ସୁରକ୍ଷିତ ଭବିଷ୍ୟତ ଜୀବନ ନିଶ୍ଚିତ କରିବାପାଇଁ କୁହାଯାଉଛି । ସ୍ୱଳ୍ପ ସଞ୍ଚୟ ଯୋଜନାରେ ନିୟୋଜିତ ଏଜେଣ୍ଟମାନେ ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କୁ ପ୍ରବର୍ତ୍ତାଇବା ସହିତ ପାଣ୍ଠି ସଂଗ୍ରହ କରୁଛନ୍ତି । ଏ କ୍ଷେତ୍ରରେ ୧୦ହଜାର ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯାଇ ପାରିଛି । ଏଥିରେ ପାଇବାକୁ ଥିବା କମିଶନ ଅର୍ଥ କେନ୍ଦ୍ର ସରକାର ବହନ କରୁଥିବାରୁ ରାଜ୍ୟ ସରକାରଙ୍କୁ ଏ ବାବଦରେ ଅର୍ଥ ଖର୍ଚ୍ଚ କରିବାକୁ ପଡିବ ନାହିଁ ।

ଗାଁ ଗହଳର ଲୋକଙ୍କୁ ଚିଟ୍‌ଫଣ୍ଡ ଓ ଅନ୍ୟାନ୍ୟ ବେଆଇନ୍ ଅର୍ଥ କାରବାର ଠାରୁ ଦୂରେଇ ରଖିବାପାଇଁ ସରକାର ଏହି ଯୋଜନା ମାଧ୍ୟମରେ ଗୁରୁତ୍ୱ ଦେଉଥିବାବେଳେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନହେବା ଏବେ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି । ଲଟେରୀ ମାଧ୍ୟରେ ଏହି ଯୋଜନାରେ ଆକର୍ଷଣୀୟ ପୁରସ୍କାର ରାଶି ଥିଲେ ମଧ୍ୟ ଲୋକେ ବିମୁଖ । ଗାଁ ଗହଳରେ ସୁଧ କାରବାର କରୁଥିବା ବିଭିନ୍ନ ସଂସ୍ଥା ଅର୍ଥ ସଂଗ୍ରହ ଚଳାଉଥିବାରୁ ଏହା ହ୍ରାସ ପାଉଥିବା କୁହାଯାଉଛି।

## ରାହାମା ରେଞ୍ଜରର ଗିରଫ

**ଜଗତସିଂହପୁର,୨୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା ରାହାମା ରେଞ୍ଜରର ରାଜେନ୍ଦ୍ର କୁମାର ସାମନ୍ତରାୟଙ୍କୁ ଭିଜିଲାନ୍ସ ଗିରଫ କରିଛି। ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ବାନ୍ଧିଛି ଭିଜିଲାନ୍ସ। ଫରେଷ୍ଟରରୁ ରେଞ୍ଜର୍, ସଂପତ୍ତି କୋଟି କୋଟି ଟଙ୍କାର। ଚାକିରି ଆରମ୍ଭ କରିଥିଲେ ମାତ୍ର ଦେଢ଼ ହଜାର ଟଙ୍କାରେ। ୪୦ ବର୍ଷରେ ରୋଜଗାର କରିଛନ୍ତି ଅମାପ ସଂପତ୍ତି। ୧୯୬୬ ଜୁନ୍ ୪ ତାରିଖରେ ଜନ୍ମିତ ଶ୍ରୀ ସାମନ୍ତରାୟ ୨୬.୧୧.୧୯୮୫ରେ ଫରେଷ୍ଟର ଭାବରେ ସରକାରୀ ଚାକିରିରେ ପ୍ରବେଶ କରିଥିଲେ ଏବଂ ମାସିକ ୧୫୦୦ ଟଙ୍କା ଦରମା ପାଇଥିଲେ। ତା'ପରେ, ୧୫.୯.୨୦୨୧ରେ ଡେପୁଟି ରେଞ୍ଜର ଭାବରେ ପଦୋନ୍ନତି ପାଇ ସେ ଜଙ୍ଗଲ ବିଭାଗ (କ୍ଷେତ୍ର) ଅନୁଗୁଳରେ ଯୋଗ ଦେଇଥିଲେ। ପୁନର୍ବାର ୩୧.୦୮.୨୦୨୩ରେ ଶ୍ରୀ ସାମନ୍ତରାୟଙ୍କୁ ରେଞ୍ଜର ପଦବୀରେ ପଦୋନ୍ନତି ଦିଆଯାଇଥିଲା ଏବଂ ସେ ଜଗତସିଂହପୁରର ରାହାମା ଫରେଷ୍ଟ ରେଞ୍ଜରେ ଯୋଗ ଦେଇଥିଲେ। ସେ ଆଜି ପର୍ଯ୍ୟନ୍ତ ଜଗତସିଂହପୁରରେ ଏହି ପଦବୀରେ କାର୍ଯ୍ୟ କରିଆସୁଛନ୍ତି। ଶ୍ରୀ ସାମନ୍ତରାୟ ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୪ ଦଶନ୍ଧି ଧରି କାର୍ଯ୍ୟ କରିଆସୁଛନ୍ତି। ରାଜେନ୍ଦ୍ରଙ୍କ ସହିତ ଜଡିତ ସମ୍ପତ୍ତି ଉପରେ ଚଢ଼ାଉ ସମୟରେ ଦୁଇଟି ବହୁମହଲା କୋଠା, ୫ଟି ମୂଲ୍ୟବାନ ପ୍ଲଟ୍, ନଗଦ ୩.୬୯ ଲକ୍ଷ ଟଙ୍କା, ୨୫୦ ଗ୍ରାମ ସୁନା ଓ ୮୦.୬୮ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଓ ଡାକ ଇତ୍ୟାଦି ଜମା ଠାବ କରାଯାଇଛି। ଜଗତସିଂହପୁର ଜିଲ୍ଲା ରାହାମା ବନ ବିଭାଗର ରେଞ୍ଜ ଅଧିକାରୀ ରାଜେନ୍ଦ୍ର କୁମାର ସାମନ୍ତରାୟଙ୍କ ଘରେ ଗତକାଲି ପଶିଥିଲା ଭିଜିଲାନ୍ସ।

■ ସମ୍ବେଦନଶୀଳତାର ଅଭାବ ପାଇଁ ଅପରାଧିକ ଘଟଣା ବୃଦ୍ଧି ପାଉଛି । ସ୍ୱାମୀ ସ୍ତ୍ରୀକୁ ହତ୍ୟାକରି ମର ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ଟିଫିନ ବାକ୍ସରେ ଫ୍ରିଜରେ ରଖିବା ଏବଂ ପ୍ରେମିକ ସାହାଯ୍ୟରେ ସ୍ୱାମୀକୁ ହତ୍ୟା କରିବା ଭଳି ଖବର ଗୋଟିଏ ଦୁଇଟିରେ ସିମିତ ନାହିଁ ଆଉ । ଏହିଭଳି ଘଟଣା ସଂଖ୍ୟା ବଢୁଛି । ତେଣୁ ଆମେ କେମିତି କହିପାରିବା ଶିକ୍ଷା ମଣିଷକୁ ସଚେତନ କରାଏ ବୋଲି ? ଜଣେ ବ୍ୟକ୍ତି ସଚେତନ ହେଲେ କ'ଣ ଅପରାଧିକ କାର୍ଯ୍ୟ କରିପାରିବ ? ଦୁର୍ନୀତି କରିପାରିବ ? ଦୁଷ୍କର୍ମ କରିପାରିବ ? ତେଣୁ ଦିନକୁ ଦିନ ମଣିଷ ଯେ, କ୍ରୁର ହୋଇ ହୋଇ ଚାଲିଛି ଏକଥାକୁ ଅସ୍ୱୀକାର କରିହେଉନି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୨ ଡିସେମ୍ବର, ୨୦୨୫ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍

## ସମ୍ବେଦନଶୀଳତା କମୁଛି କ୍ରୁର ହେଉଛି ମଣିଷ

ମଣିଷ ଯେତିକି ଯେତିକି ସଭ୍ୟ ଶିକ୍ଷିତ ହେଉଛି ତା'ପାଖରୁ ମୂଲ୍ୟବୋଧ ଏବଂ ସମ୍ବେଦନଶୀଳତା ସେତିକି ସେତିକି କମିବାରେ ଲାଗିଛି ।

ଶିକ୍ଷା ମଣିଷକୁ ସଚେତନ କରାଏ, ଭଲ ମନ୍ଦ ଭିତରେ ଥିବା ଫରକ ଜାଣିବାର କ୍ଷମତା ଦିଏ, କିନ୍ତୁ ଦେଖାଯାଉଛି ଶିକ୍ଷା ମଣିଷକୁ କେବଳ ରୋଜଗାର କ୍ଷମ କରିବା ପରିବର୍ତ୍ତେ ମଣିଷ କରେଇ ପାରୁନି । ଯେଉଁ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଧରାପଡୁଛନ୍ତି ସେମାନେ ଯେ ଉଚ୍ଚ ଶିକ୍ଷିତ ନୁହନ୍ତି ଏକଥାକୁ କ'ଣ ଅସ୍ୱୀକାର କରିହେବ ? ଅତ୍ୟଧିକ ବୁଦ୍ଧିମାନ ଏବଂ ବିଚକ୍ଷଣ ଧୀଶକ୍ତି ଥିବା କାରଣରୁ ହିଁ ଏମାନେ ବଡ ବଡ ଚାକିରୀର ସୁଯୋଗ ପାଇଥାନ୍ତି । ତେଣୁ ଶିକ୍ଷା ଯେ ମଣିଷକୁ ମଣିଷ କରି ଗଢିତୋଳିପାରୁଛି ଏକଥା ଜୋର ଦେଇ କହି ହେଉନି ଅଳ୍ପ କେଇଜଣ ନୀତିବାନ କର୍ମଚାରୀ ଏବଂ ଶିକ୍ଷିତ ମଣିଷଙ୍କୁ ଉଦାହଣ ଭାବରେ ନେଇ ।

ମଣିଷ ଅଧିକ କ୍ରୁର ହେବାରେ ଲାଗିଛି । ବାପା-ମାଙ୍କ ପ୍ରତି ପିଲାଙ୍କର ଭଲପାଇବା ଏବଂ ସମ୍ବେଦନଶୀଳତା କମିବାରେ ଲାଗିଛି । ପିଲାଙ୍କୁ ମଣିଷ କରିବା ବାପା-ମାଙ୍କର ଦାୟିତ୍ୱ । କିନ୍ତୁ ବାପା-ମାଙ୍କର ପ୍ରତି ପିଲାମାନଙ୍କର ମଧ୍ୟ ଅନୁରୂପ ଦାୟିତ୍ୱ ରହିବା ଦରକାର-ଏକଥାକୁ ଆଜିର ପିଲାଏ ଗୁରୁତ୍ୱ ଦେଉନାହାନ୍ତି, ଫଳରେ ଜରାନିବାସରେ ବୟସ୍କ ବାପା-ମାଙ୍କର ଭିଡ ବଢିବାରେ ଲାଗିଛି । ଦିନକୁ ଦିନ ନୂଆ ନୂଆ ଜରାନିବାସ ମୁଣ୍ଡ ଟେକୁଛି । ମୋଟାଅଙ୍କର ଦରମା ପାଉଥିବା ପିଲାମାନେ ବାପା-ମାଙ୍କୁ ପେଡ୍ ଓଏଲ୍ଡ ଏଜ୍‌ହୋମରେ ରଖେଇଦେଇ ପିଲାଏ ସେମାନଙ୍କ ଦାୟିତ୍ୱ ସରିଗଲା ବୋଲି ଭାବୁଛନ୍ତି । ଟଙ୍କାର ଅଭାବ ସେମାନଙ୍କ ପାଖରେ ନାହିଁ ସତ କିନ୍ତୁ ସମ୍ବେଦନଶୀଳତାର ଅଭାବ ଦେଖାଯାଉଛି ।

ନିକଟରେ ପ୍ରକାଶ ପାଇଥିବା ଏକ ଖବର ଯେତିକି ଦୁଃଖଦାୟକ ଠିକ୍ ସେତିକି ଚିନ୍ତା ଉଦ୍ରେକକରୀ । ଖବରଟି ଏହିଭଳି-

ରୋଗଗ୍ରସ୍ତ ବୃଦ୍ଧଙ୍କୁ ରାସ୍ତାରେ ଫିଙ୍ଗିଦେଇ ଚାଲିଗଲେ ସମ୍ପର୍କୀୟମାନେ । ରୋଗଗ୍ରସ୍ତ ବୃଦ୍ଧ ଭାଇଙ୍କୁ ଭୁଲିଗଲେ ଭଉଣୀ ଓ ବନ୍ଧୁ ପରିଜନ । ଚିକିତ୍ସା କରାଇବା ତ ଦୂରର କଥା, କେହି ଯେମିତି ନଜାଣିପାରିବେ ସେଥିପାଇଁ ରାଜଧାନୀ ଭୁବନେଶ୍ୱର ଠାରୁ ୪୦୦ କିଲୋମିଟର ଦୂର ରାଉରକେଲା ଆଣି ରାସ୍ତାରେ ଫିଙ୍ଗିଦେଇ ଚାଲିଗଲେ । ରାସ୍ତାରୁ ରୋଗଗ୍ରସ୍ତ ବୃଦ୍ଧଙ୍କୁ ଉଠାଇ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଥିଲେ ସେ ଅଞ୍ଚଳର କେତେକ ହୃଦୟବାନ ଯୁବକ । ବୃଦ୍ଧ ଜଣକ ହେଉଛନ୍ତି ଭୁବନେଶ୍ୱର ଷ୍ଟେସନ ରୋଡର ସଞ୍ଜିବ ଦାଶ(୭୦) । ବୃଦ୍ଧ ଜଣକଙ୍କ ଠାରୁ ପ୍ରକାଶ, ସେ ଇଂଜିନେୟରିଂ ପାସ କରିବା ପରେ ଏକ ଘରୋଇ ସଂସ୍ଥାର ବରିଷ୍ଠ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ ।

ସମ୍ବେଦନଶୀଳତାର ଅଭାବ ପାଇଁ ଅପରାଧିକ ଘଟଣା ବୃଦ୍ଧି ପାଉଛି । ସ୍ୱାମୀ ସ୍ତ୍ରୀକୁ ହତ୍ୟାକରି ମର ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ଟିଫିନ ବାକ୍ସରେ ଫ୍ରିଜରେ ରଖିବା ଏବଂ ପ୍ରେମିକ ସାହାଯ୍ୟରେ ସ୍ୱାମୀକୁ ହତ୍ୟା କରିବା ଭଳି ଖବର ଗୋଟିଏ ଦୁଇଟିରେ ସିମିତ ନାହିଁ ଆଉ । ଏହିଭଳି ଘଟଣା ସଂଖ୍ୟା ବଢୁଛି । ତେଣୁ ଆମେ କେମିତି କହିପାରିବା ଶିକ୍ଷା ମଣିଷକୁ ସଚେତନ କରାଏ ବୋଲି ? ଜଣେ ବ୍ୟକ୍ତି ସଚେତନ ହେଲେ କ'ଣ ଅପରାଧିକ କାର୍ଯ୍ୟ କରିପାରିବ ? ଦୁର୍ନୀତି କରିପାରିବ ? ଦୁଷ୍କର୍ମ କରିପାରିବ ? ତେଣୁ ଦିନକୁ ଦିନ ମଣିଷ ଯେ, କ୍ରୁର ହୋଇ ହୋଇ ଚାଲିଛି ଏକଥାକୁ ଅସ୍ୱୀକାର କରିହେଉନି । ମଣିଷ ପ୍ରକୃତିର ବିକାଶ ହେଉନି ତା'ର ଚେହେରାର ବିକାଶ ସହିତ ତାଳ ଦେଇ । ମଣିଷ ଶରୀରର ଗଢଣ ଯେତେ ସୁନ୍ଦର ହେଉଛି ତା'ପ୍ରକୃତି ଏବଂ ମାନସିକତା ସେତିକି ବିକୃତ ହେବାରେ ଲାଗିଛି । ଏହା ଖୁବ୍ ଚିନ୍ତାଜନକ ।

# ଗୋଟିଏ ଦେଶରେ ଜଣେ ରାଜା ଥିଲେ...

**ଗଣ୍ଡଭୈରବର କଥା ଶେଷ ହେବା ମାତ୍ରେ ରାଜା କ୍ରୋଧରେ ପିଙ୍ଗଳ ବର୍ଣ୍ଣ ଧାରଣ କରି ତତ୍‌କ୍ଷଣାତ୍ ରାଣୀଙ୍କୁ ଡକାଇଲେ । ରାଣୀ ଆସିବାରୁ ଗଣ୍ଡଭୈରବ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ- ତୁମ ପାଇଁ ଆଜି ଏଇ ଚଢ଼େଇ ନିକଟରେ ମୋତେ ଅପମାନିତ ହେବାକୁ ପଡ଼ିଲା । ମୋର ଅସ୍ତିତ୍ୱ ଲୋପ ପାଇଗଲା । ଆଜିଠାରୁ ମୁକୁଟ ତିଆରି ବନ୍ଦ। କେବଳ ଏତିକି ନୁହେଁ, ଆଜିଠାରୁ ତୁମର ଏଇ ଧରଣର କୌଣସି ଅବାନ୍ତର କଥା ମୁଁ ଶୁଣିବି ନାହିଁ । ତୁମେ ଯଦି ଏଥିନିମନ୍ତେ ମୋ' ଉପରେ ଚାପ ପକାଅ ତେବେ ମୁଁ ତମକୁ ଦେଶାନ୍ତର କରିଦେବି!**

କଥା ବଦଳାଇବା ଆମ ଦେଶର ନେତାଙ୍କର ଏକ ପାରମ୍ପରିକ ଅଭ୍ୟାସ । ତେବେ ବେଳେବେଳେ ଏହି ବଦଳାଇବା ଏପରି ସ୍ତରକୁ ଆସେ, ତାକୁ ସହଜରେ ବିଶ୍ୱାସ କରିହୁଏନା । ମାନେ ପୂର୍ବରୁ ଯାହା କହିଥିବେ ପରେ ଆବଶ୍ୟତା ଦୃଷ୍ଟିରୁ ଠିକ୍ ତା'ର ଓଲଟା କହିବେ । ଶୁଣିବା ଲୋକ ସନ୍ଦେହରେ ପଡ଼ିବ । ଏଇଟା ମୁହଁ ନା ଆଉ କ'ଣ?

ଏଇ ପରିପ୍ରେକ୍ଷୀରେ ଏମ୍‌ଏଲ୍‌ଏ ଏବଂ ମନ୍ତ୍ରୀଙ୍କର ବେତନ ବୃଦ୍ଧି ପ୍ରସଙ୍ଗ ମନକୁ ଆସେ । ଦରମା ତିନିଗୁଣ ବଢ଼ାଇବା ପାଇଁ ବିଧାନସଭାରେ ହଁ କଲେ । ହେଲେ ଏବେ ବାହାରେ କହୁଛନ୍ତି ନା' । ଅବଶ୍ୟ ଏହା ଏକ ସ୍ୱାଭାବିକ ରାଜନୈତିକ କୌଶଳ। ଉଚ୍ଚାରଣ ଏବଂ ଆଚରଣରେ ଯଦି ପାର୍ଥକ୍ୟ ନରହିଲା ତା'ହେଲେ ସେ କି ନେତା?

ଏପରି ପରିସ୍ଥିତି ଆସିଲେ ମୋର ଗଣ୍ଡଭୈରବ ଚଢ଼େଇ ଗଳ୍ପ ମନେପଡ଼େ। ଆସନ୍ତୁ ଆଉ ଥରେ ସେହି ଗପଟି ଶୁଣିବା ।

ଗୋଟିଏ ଦେଶରେ ଜଣେ ରାଜା ଥିଲେ । ସେ ରାଜାଙ୍କ ରାଣୀ ଥିଲେ ଭାରି ସୁନ୍ଦରୀ। ସୁନ୍ଦରୀ ଲଳନା ଏବଂ କୁନ୍ଦୁରି ଲତା ଯାହା ଉପରେ ମାଡ଼ିବ ତା'ର ଅସଲ ରୂପ ଦିଶିବନି । ତେଣୁ ରାଣୀ ରାଜାଙ୍କୁ ଯାହା କହୁଥିଲେ ରାଜା ତାହା କରୁଥିଲେ ।

ଦିନେ ରାଣୀ ରାଜାଙ୍କୁ ଗୋଟେ ଅଦ୍ଭୁତ ପ୍ରସ୍ତାବ ଦେଲେ। କହିଲେ- ସ୍ୱାମୀ! ଏ ପୃଥିବୀରେ ଅନେକ ରାଜା-ରାଣୀ ଅନେକ ମହାର୍ଘ୍ୟ ମୁକୁଟ ଧାରଣ କରିଛନ୍ତି । ତେଣୁ ଏଥିରେ କିଛି ନୂତନତ୍ୱ ନାହିଁ । ମୁଁ ଭାବୁଛି ଆପଣ ଏବଂ ମୁଁ ଏ ଦେଶରେ ଥିବା ଚଢ଼େଇମାନଙ୍କ ପରରେ ଦୁଇଟି ମୁକୁଟ ତିଆରି କରି ପିନ୍ଧିବା । ମୁଁ କାହିଁକି ଏକଥା କହିଲି କି, ଭଗବାନ କୃଷ୍ଣ ତାଙ୍କ ମୁଣ୍ଡରେ ମୟୂର ଚୂଳ ଲଗଉ ନଥିଲେ?

ରାଣୀଙ୍କ ତୁଣ୍ଡ କଥା ଶେଷ ହେବା ମାତ୍ରେ ରାଜା ବାଣୁଆଙ୍କୁ ନିର୍ଦ୍ଦେଶ ଦେଲେ- ଆମ ପାଇଁ ପକ୍ଷୀ ପରରେ ଦୁଇଟି ମୁକୁଟ ତିଆରି ହେବ । ତେଣୁ ରାଜ୍ୟରେ ଯେତେ ଚଢ଼େଇ ଅଛନ୍ତି ସେମାନଙ୍କ ପର ସଂଗ୍ରହ କର।

ରାଜାଙ୍କ ନିର୍ଦ୍ଦେଶ ପାଇବା ପରେ ବାଣୁଆମାନେ ଚଢ଼େଇ ଶିକାରରେ ବାହାରିପଡ଼ିଲେ । ତେବେ ଏକଥା ଯେମିତି ପ୍ରଚାରିତ ହୋଇଛି ଚଢ଼େଇମାନେ ଏକ ସଭାରେ ମିଳିତ ହୋଇ ନିଷ୍ପତ୍ତି କଲେ ଯେ, ବାଣୁଆଙ୍କ ହାତରେ ଛୁଛାଟାରେ ନମରି ଚାଲ ନିଜଆଡୁ ଯାଇ ରାଜାଙ୍କୁ ଦୁଇଟି ଲେଖାଏଁ ପର ଦେଇଆସିବା ।

ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲା । ପ୍ରତ୍ୟେକ ଚଢ଼େଇ ନଅରକୁ ଯାଇ ଦୁଇଟି ଲେଖାଏଁ ପର ଦେଇଆସିଲେ । ତେବେ ପର ଦେବାକୁ ଆସିଲାନି ଗଣ୍ଡଭୈରବ ଚଢ଼େଇ। ଏ ଚଢ଼େଇର ଭାରି କାଟ୍‌ତି ! ଭାରି ଚତୁର ସିଏ !

ଗଣ୍ଡଭୈରବ ପର ଦେଇନଥିବା ଜଣାପଡ଼ିବା ପରେ ରାଜା କ୍ଷୁବ୍ଧ ହେଲେ । ତେବେ ପରେ ତାଙ୍କ କ୍ରୋଧର ଅନ୍ତ ଘଟିଲା । ପର ସପ୍ତାହରେ ଗଣ୍ଡଭୈରବ ପର ଦେବା ପାଇଁ ରାଜ ନଅରକୁ ଆସିଲା। ରାଜା ତାକୁ ବିଳମ୍ବର କାରଣ ପଚାରନ୍ତେ ସେ କହିଲା- ମହାରାଜ! ମୁଁ ବେଶ୍ କିଛିଦିନ ହେବ ବସାରେ ନଥିଲି । ଏକ ବିତର୍କ ସଭାରେ ଯୋଗଦେବା ପାଇଁ ଯାଇଥିଲି ।

ରାଜା ବିସ୍ମୟର ସହିତ ପ୍ରଶ୍ନ କଲେ- ବିତର୍କ ସଭାକୁ ଯାଇଥିଲି ମାନେ?

ଗଣ୍ଡଭୈରବ ବିନୟର ସହିତ କହିଲା- ମହାରାଜ ! ଘନ ଜଙ୍ଗଲ ମଧ୍ୟରେ ଥିବା ଏକ ମନ୍ଦିର ପ୍ରାଙ୍ଗଣରେ ନିୟମିତ ବ୍ୟବଧାନରେ ବିତର୍କ ସଭାର ଆୟୋଜନ କରାଯାଏ । ଏହି ସଭାରେ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଲୋଚନା ହୁଏ । ଆଲୋଚନା ଶେଷରେ ଏହା ନିର୍ଯାସକୁ ନେଇ ଏକ ପ୍ରସ୍ତାବ ଗ୍ରହଣ କରାଯାଏ ।

ରାଜା ପଚାରିଲେ- ଏଥର କେଉଁ ବିଷୟକୁ ନେଇ ଆଲୋଚନା ହୋଇଥିଲା ସେଠି?

ଗଣ୍ଡଭୈରବ କହିଲା- ମହାରାଜ ! ଏଥରର ବିଷୟ ଥିଲା, ଆମ ରାଜ୍ୟରେ ବିବାହିତ ପୁରୁଷଙ୍କ ସଂଖ୍ୟା ଅଧିକ ନା ବିବାହିତା ମହିଳାଙ୍କ ସଂଖ୍ୟା ଅଧିକ?

ରାଜା ପଚାରିଲେ- କ'ଣ ସ୍ଥିର ହେଲା?

ଗଣ୍ଡଭୈରବ କହିଲା- ମହାରାଜ ! ସମସ୍ତେ ଏକବାକ୍ୟରେ କହିଲେ- ଆମ ରାଜ୍ୟରେ ବିବାହିତ ପୁରୁଷଙ୍କ ତୁଳନାରେ ବିବାହିତା ମହିଳାଙ୍କ ସଂଖ୍ୟା ଅଧିକ!

ରାଜା ପଚାରିଲେ- କେଉଁ ଆଧାରରେ ଏହି ପ୍ରସ୍ତାବ ଗୃହୀତ ହେଲା?

ଗଣ୍ଡଭୈରବ କହିଲା- ମହାରାଜ ! ବିଧାତା ପ୍ରତ୍ୟେକ ବିବାହିତ ପୁରୁଷ ପାଇଁ ସ୍ତ୍ରୀଟିଏ ଖଞ୍ଜିଛି । କିନ୍ତୁ ଯେଉଁ ପୁରୁଷ ସ୍ତ୍ରୀ କଥାରେ ପରିଚାଳିତ ତା'ର ପୁରୁଷ ସତ୍ତା ଶୂନ୍ ବୋଲି ଧରିବାକୁ ପଡ଼ିବ । ଏହି କାରଣରୁ ପୁରୁଷ ତୁଳନାରେ ସ୍ତ୍ରୀ ସଂଖ୍ୟା ଅଧିକ ବୋଲି ମତ ପ୍ରକାଶ ପାଇଲା ।

ଗଣ୍ଡଭୈରବର କଥା ଶେଷ ହେବା ମାତ୍ରେ ରାଜା କ୍ରୋଧରେ ପିଙ୍ଗଳ ବର୍ଣ୍ଣ ଧାରଣ କରି ତତ୍‌କ୍ଷଣାତ୍ ରାଣୀଙ୍କୁ ଡକାଇଲେ । ରାଣୀ ଆସିବାରୁ ଗଣ୍ଡଭୈରବ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ- ତୁମ ପାଇଁ ଆଜି ଏଇ ଚଢ଼େଇ ନିକଟରେ ମୋତେ ଅପମାନିତ ହେବାକୁ ପଡ଼ିଲା । ମୋର ଅସ୍ତିତ୍ୱ ଲୋପ ପାଇଗଲା । ଆଜିଠାରୁ ମୁକୁଟ ତିଆରି ବନ୍ଦ। କେବଳ ଏତିକି ନୁହେଁ, ଆଜିଠାରୁ ତୁମର ଏଇ ଧରଣର କୌଣସି ଅବାନ୍ତର କଥା ମୁଁ ଶୁଣିବି ନାହିଁ । ତୁମେ ଯଦି ଏଥିନିମନ୍ତେ ମୋ' ଉପରେ ଚାପ ପକାଅ ତେବେ ମୁଁ ତମକୁ ଦେଶାନ୍ତର କରିଦେବି!

ହେଲେ ରାଣୀ କୋଉ ଛାଡ଼ିବା ଜନ୍ତୁ ଏବଂ ରାଜା ବା ତାଙ୍କ କଥା ନଶୁଣି କୋଉ ରହିପାରିବେ? କିଛିଦିନ ଯିବା ପରେ ରାଣୀ ପୁଣି ପକ୍ଷୀ ପରର ମୁକୁଟ ପାଇଁ ରାଜାଙ୍କୁ ଉସ୍‌କାଇଲେ ଏବଂ ରାଜା ପୁନରାୟ ପକ୍ଷୀ ପର ସଂଗ୍ରହ ଲାଗି ବାଣୁଆଙ୍କୁ ନିର୍ଦ୍ଦେଶ ଦେଲେ । ବାଣୁଆମାନେ ପକ୍ଷୀ ଶିକାର କରିବା ପୂର୍ବରୁ ପୂର୍ବଥର ଭଳି ପକ୍ଷୀମାନେ ଆସି ରାଜାଙ୍କୁ ଦୁଇଟି ଲେଖାଏଁ ପର ଦେଇଗଲେ । ତେବେ ଆସିଲାନି ପୂର୍ବୋକ୍ତ ସେଇ ଗଣ୍ଡଭୈରବ ଚଢ଼େଇ । ସପ୍ତାହକ ପରେ ଫେରି ରାଜାଙ୍କୁ ଦେଖା କରିବାରୁ ରାଜା ଗମ୍ଭୀର ହୋଇ ପଚାରିଲେ- ଏଥର ବି କ'ଣ ତୁ ସେଇ ବିତର୍କ ସଭାକୁ ଯାଇଥିଲୁ?

ଗଣ୍ଡଭୈରବ ବିନୟର ସହିତ କହିଲା- ହଁ, ମହାରାଜ !

ରାଜା ପଚାରିଲେ- ଏଥରର ବିଷୟ କ'ଣ ଥିଲା?

ଗଣ୍ଡଭୈରବ କହିଲା- ମହାରାଜ ! ଏଥର ମୁଖ ଗହ୍ୱର ସଂଖ୍ୟାକୁ ନେଇ ବିତର୍କ ହୋଇଥିଲା।

ରାଜା ହଠାତ୍ ବୁଝିନପାରି ପଚାରିଲେ- ମୁଖ ଗହ୍ୱରର ସଂଖ୍ୟା ମାନେ?

ଗଣ୍ଡଭୈରବ କହିଲା- ମହାରାଜ ! ଏ ପୃଥିବୀରେ ଯେତେ ସଂଖ୍ୟକ ମନୁଷ୍ୟ ଅଛନ୍ତି ସେମାନଙ୍କର ସେତେ ସଂଖ୍ୟକ ମୁଖ ଗହ୍ୱର ବା ପାଟି ଅଛି କି ନାହିଁ ଏହା ହିଁ ଥିଲା ବିତର୍କର ବିଷୟବସ୍ତୁ ।

ରାଜା ପଚାରିଲେ- କ'ଣ ସ୍ଥିର ହେଲା?

- ମହାରାଜା! ପୃଥିବୀରେ ଯେତେ ଲୋକ ଅଛନ୍ତି ସେମାନଙ୍କର ସେଇ ସଂଖ୍ୟକ ମୁଖ ଗହ୍ୱର ନାହିଁ ।

ରାଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ- କାହିଁକି?

ଗଣ୍ଡଭୈରବ ବୁଝେଇଦେଲା- ମହାରାଜ! ଭଗବାନ ପ୍ରତ୍ୟେକ ମଣିଷକୁ ଗୋଟିଏ ଲେଖାଏଁ ମୁହଁ ଦେଇଛନ୍ତି, ଯେଉଁଥିରେ ସେ ଖାଦ୍ୟ ଖାଏ ଏବଂ କଥା କୁହେ । ତେବେ ଯେଉଁ ଲୋକର କଥାରେ ସ୍ଥିରତା ନଥାଏ ସେ ଲୋକର ମୁହଁଟା ମୁହଁ ନୁହେଁ ।

ରାଜା ଉତ୍‌କ୍ଷିପ୍ତ ହୋଇ ପଚାରିଲେ- ଆଉ ସେଇଟା କ'ଣ?

ଗଣ୍ଡଭୈରବ କହିଲା- ମହାରାଜ ! ତାକୁ ଆପଣ ଯାହା କହିପାରନ୍ତି । ତେବେ ବିତର୍କ ସଭାରେ ଅନ୍ୟମାନେ ଯାହା କହିଲେ ସେକଥା ପ୍ରକାଶ କରିବା ସମ୍ଭବ ନୁହେଁ । ସେ ଶବ୍ଦଟି ଅସାମ୍ବିଧାନିକ ହୋଇଥିବାରୁ ମୁଁ କହିପାରୁନାହିଁ । ମୋତେ କହିବାକୁ ଲାଜ ଲାଗୁଛି । ତଥାପି କହୁଛି- ଦୁଇ ଅକ୍ଷର ବିଶିଷ୍ଟ ଏହି ଶବ୍ଦର ପ୍ରଥମ ଅକ୍ଷର 'ଗା', ଦ୍ୱିତୀୟ ଅକ୍ଷର 'ଣି' ତଳେ...।

ରାଜା ଧୈର୍ଯ୍ୟହରା ହୋଇ ପଚାରିଲେ- 'ଣି' ତଳେ କ'ଣ?

ଗଣ୍ଡଭୈରବ କହିଲା- ଆପଣ ସେଇଟା ଅନୁମାନ କରି ବୁଝନ୍ତୁ...

ରାଜା ଏବେ ବୁଝିଗଲେ ।

ସେଇ ମୁହୂର୍ତ୍ତରେ ସେ ରାଣୀଙ୍କୁ ଡକାଇ କହିଲେ- ତୁମ ପାଇଁ ମୋ' କଥାରେ ସ୍ଥିରତା ନଥିବା ଦର୍ଶାଇ ସାମାନ୍ୟ ଚଢ଼େଇଟା ମୋତେ ପୁଣି ଆପମାନିତ କଲା । ଏହା ପରଠାରୁ ତୁମେ ଯଦି ମୁକୁଟ ତିଆରି କଥା କହିଛ ତେବେ ମୁଁ ତୁମ ଗାଲରେ ଚୁନ-କାଳି ବୋଳି ତୁମକୁ ପିତ୍ରାଳୟ ପଠାଇଦେବି ।

ଏବେ ତ ରାଜା ମହାରାଜା ନାହାନ୍ତି । ଏବେ ନେତାଙ୍କ ଜମାନା! ହେଲେ ତାଙ୍କୁ ଚେତେଇ ଦେବା ପାଇଁ ଗଣ୍ଡଭୈରବ ଚଢ଼େଇ ଖୋଜିଲେ ମିଳିବେ ନାହିଁ ।

ଆମ ଦେଶରେ ନେତାଟିଏ ଯେପରି ଘନ ଘନ ବକ୍ତବ୍ୟ ବଦଳାଏ-ମିଛ କୁହେ- ତା'ର ଏକଚତୁର୍ଥାଂଶ ଯଦି ଜଣେ ସାଧାରଣ ଲୋକର ତୁଣ୍ଡରୁ ଶୁଣିବାକୁ ମିଳେ ତେବେ ସେ ଲୋକର ଜୀବନ ଦୁର୍ବିସହ ହେବା ବିଚିତ୍ର ନୁହେଁ । ଆମ ଦେଶର ନେତାମାନେ ନିଜ ଫାଇଦା ପାଇଁ ଯେଉଁସବୁ କାଇଦା କରନ୍ତି ଏବଂ ଯେତେ ସଂଖ୍ୟକ ନ କରିବା କାମ ତାଙ୍କ ଦ୍ୱାରା ହୁଏ ସେ କାମ ଯଦି ସାଧାରଣ ଲୋକଟିଏ କରେ ତେବେ ଲୋକେ ହୁଏତ ସେ ଲୋକକୁ ଚଟିରେ ସେକିବେ । ହେଲେ ବଡ଼ ଆଶ୍ଚର୍ଯ୍ୟର କଥା, ଏଇ ଧରଣର ଆଚରଣ ଲାଗି ଲୋକେ ତ ଚଟିରେ ସେକନ୍ତିନି, ବରଂ ଚଟି ଚାଟନ୍ତି...

# ବେଳ ଥାଉ ହୁଅ ସାବଧାନ

■ ଡ. ସୁରେଶ କୁମାର ନାୟକ ■

ବେଳେ ବେଳେ ପିଲା ଖରାପ ସାଙ୍ଗଙ୍କ ସହ ପଡ଼ି ଯାଆନ୍ତି। ଯାହାଫଳରେ ତାଙ୍କ ଭିତରେ କେତେକ ଖରାପ ଅଭ୍ୟାସ ବିକଶିତ ହେବାକୁ ଲାଗେ। ଅନେକ ସମୟରେ ତାଙ୍କଠାରେ ଭାଷାର ଶାଳୀନତାର ଅଭାବ ହୁଏ । ଏପରି କି ଖରାପ କଥା କହିବାକୁ ପଛାଇ ନଥାଏ। ସାମାନ୍ୟ କଥାରେ ଅନ୍ୟ ପିଲାଙ୍କୁ ମାଡ଼ପିଟ ଯଦି କରେ ତେବେ ବୁଝି ନିଅନ୍ତୁ ସେ ବିଗିଡ଼ିଗଲାଣି । ଯଦି ଆପଣ ଜାଣିବାକୁ ଚାହାଁନ୍ତି ପିଲା ଖରାପ ସାଙ୍ଗମାନଙ୍କ ସହ ପଡ଼ି ଏପରି ବ୍ୟବହାର କରୁଛି ତେବେ ନିମ୍ନ ଲିଖିତ ବିଷୟକୁ ନଜର ଦେଇପାରନ୍ତି ।

ସବୁ ମାତାପିତା ଚାହାନ୍ତି ତାଙ୍କ ପିଲା ଭଲ ମଣିଷଟିଏ ହେଉ। ଉତ୍ତମ ଶିକ୍ଷା, ଅନ୍ୟ ମାନଙ୍କ ସହ କିପରି ବ୍ୟବହାର କରିବ ଏହା ପ୍ରାୟ ପିଲାମାନେ ଛୋଟବେଳୁ ଶିଖିଥାଆନ୍ତି। ଏହାପରେ ବି କିଛି ପିଲା ଖରାପ ରାସ୍ତାରେ ପାଦ ରଖି ଦିଅନ୍ତି। ଖରାପ ସାଙ୍ଗମାନଙ୍କ ସହ ମିଶିବା ଯୋଗୁ ସେମାନଙ୍କର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥାଏ। ଏମିତିକା ପିଲା ମାତା ପିତାଙ୍କୁ ସବୁ କଥା ଲୁଚାଇଥାନ୍ତି ଆଉ କଥା କଥାରେ ଝଗଡ଼ା କରିବାକୁ ଲାଗନ୍ତି । ମିଛି କହିବା ମଧ୍ୟ ଆରମ୍ଭ କରିଦେଇଥାନ୍ତି। ମାତାପିତାଙ୍କୁକଥା ଓଲଟାଇ ପ୍ରତି ଉତ୍ତର ଦେବାକୁ ମଧ୍ୟ ପଛାନ୍ତି ନାହିଁ। ଏହି ସବୁ ସମସ୍ୟା ୧୦-୧୨ ବର୍ଷ ପିଲାଙ୍କ ଠାରେ ଦେଖିବାକୁ ମିଳେ।

ସବୁବେଳେ ଗୋଟିଏ କଥା ଧ୍ୟାନରେ ରଖିବେ ପିଲା ନିଜ ପାଖଆଖରେ ଯାହା ଦେଖିବେ, ଶୁଣିବେ ସେଇଆ ହିଁ କରିବେ। ସ୍କୁଲ, ପାର୍କ, ଟ୍ୟୁସନ ଆଦି ସ୍ଥାନରେ ନିଜ ସାଙ୍ଗମାନଙ୍କୁ ଯେମିତି କରୁଥିବା ଏବଂ କହୁଥିବାର ପିଲା ଦେଖନ୍ତି, ତାହାକୁ ଅନୁସରଣ କରିବାକୁ ଲାଗନ୍ତି। ଖାସ କରି ଯଦି ସାଙ୍ଗ ଠିକ୍ ନଥାଏ ତେବେ ପିଲା ଅଧିକ ବିଗିଡ଼ିବାର ଆଶଙ୍କା ରହିଥାଏ। ଏମିତିରେ ମାତାପିତା ଆରମ୍ଭରୁ ତାଙ୍କର କଥାର୍ବା। ହାବଭାବରୁ ଲକ୍ଷ୍ୟ କରନ୍ତୁ। ଏହାଦ୍ୱାରା ପିଲାଙ୍କୁ ବିଗିଡ଼ାବାରୁ କିଛି ମାତ୍ରାରେ ରକ୍ଷା କରିପାରିବେ।

କିଛି ପିଲା କୌଣସି ମନ ପସନ୍ଦର ଜିନିଷ ଦେଖୁ ନେବାଲାଗି ଜିଦ କରିଥାନ୍ତି। ଏଥିପାଇଁ ମାତାପିତାଙ୍କ ସହିତ ସେମାନେ ଉଚ୍ଚ ସ୍ୱରରେ କଥାର୍ବା। ବି କରନ୍ତି। ବେଳେ ବେଳେ ଏହି ଜିଦ ଲାଗି ଖାଦ୍ୟ ମଧ୍ୟ ଖାଇ ନଥାନ୍ତି।

ବିଶେଷ ଭାବରେ ୮-୧୦ ବର୍ଷ ପିଲାଙ୍କ ଠାରେ ଏପରି ଅଭ୍ୟାସ ଅଧିକ ଦେଖିବାକୁ ମିଳିଥାଏ। ଏ ବିଷୟରେ ଅବଗତ ହେବାମାତ୍ରେ ମାତାପିତା ପିଲାମାନଙ୍କୁ ଥଣ୍ଡା ମିଜାସ୍‌ରେ ବୁଝାଇବା ଦରକାର। ତା'ସହ ଯଦି ପରବର୍ତ୍ତୀ ସମୟରେ ପିଲା ନିଜ ଭୁଲ ବୁଝିପାରନ୍ତି ତେବେ ସେମାନେ ନିଜକୁ କେତେକାଂଶରେ ସୁଧାରି ନେଇପାରିବେ।

ଯେଉଁ କାମ କରିବା ଲାଗି ଆପଣ ପିଲାକୁ ମନା କରୁଛନ୍ତି ସେ ସେଇ କାମକୁ ବାରମ୍ବାର କରୁଛି ତେବେ ଆପଣଙ୍କୁ ଧୈର୍ଯ୍ୟର ସହ ବୁଝାଇବାକୁ ପଡ଼ିବ। ଯଦି ସେ ଆପଣଙ୍କ କଥା ଶୁଣୁନି ତେବେ ଅନ୍ୟ କାହା କଥା ଶୁଣିବ ବୋଲି ଭାବିପାରିବେ ନାହିଁ। ଆଉ ଏପରି ବ୍ୟବହାର କାହିଁକି କରୁଛି ତାର କାରଣ ଖୋଜି ସମାଧାନ କରିବାକୁ ପଡ଼ିବ।

ଯଦି ଆପଣ କୌଣସି ଛୋଟମୋଟ କାମ ତାକୁ କହୁଛନ୍ତି ସେ କଥା ଶୁଣୁନି କି କରୁନି ତେବେ ଆପଣ ଜାଣି ନେବେ ଯେ ପିଲା ବିଗିଡ଼ିବା ରାସ୍ତାରେ ରହିଛି।

ଯଦି ଆପଣଙ୍କ ପିଲା ପ୍ରତି କଥାରେ ଖରାପ ଭାଷା ବ୍ୟବହାର କରୁଛି ତେବେ ସେ ଖରାପ ସାଙ୍ଗରେ ପଡ଼ିବାର କାରଣ ହୋଇପାରେ। ତେବେ ସେ ଅନ୍ୟ କେଉଁ ପିଲା ସହ କଳି ଝଗଡ଼ା କରେ, ତେବେ କାହାକୁ ଥାପଡ଼ ଲଗାଇ, କାହାକୁ ମାରପିଟ କରି ଘରକୁ ଆସିଯାଏ। ତେବେ ଏଥିନେଇ ଆପଣ ସତର୍କ ହୋଇଯାନ୍ତୁ। ପିଲା ପାଟିରୁ ଯଦି ଖରାପ ଭାଷା ଶୁଣୁଛନ୍ତି ତେବେ ତାକୁ ସେଇ ମୁର୍ହୁର୍ତ୍ତରେ ଅଟକାନ୍ତୁ। ସେ ଯଦି ଅନ୍ୟ କାହାକୁ ବାରମ୍ବାର ଚିଡ଼ାଉଛି କିମ୍ବା ଥଟ୍ଟା ପରିହାସ କରୁଛି ତେବେ ଏହି ଅଭ୍ୟାସ ଜମା ଠିକ ବି ନୁହେଁ। ଏଥିଲାଗି ତାକୁ ଆକଟ କରନ୍ତୁ।

*ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*

# ନଈରେ ହଜାଇ ପୋଖରୀରେ ଖୋଜିବା...

ସତ କହିବାକୁ କିଆଁ ଡରିବି

ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ ଓ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ...

ଗୋଟେପଟେ ସାଧାରଣ ଲୋକଙ୍କର ଆୟ କମିଚାଲିଛି, ବଜାର ଦର ବଢୁଥିବାରୁ ପରିବାର ଖର୍ଚ୍ଚ ମଧ୍ୟ ବଢୁଛି । ଲୋକେ କେମିତି ଅଧିକ ରୋଜଗାର କରିବେ, ଲୋକଙ୍କ ହାତକୁ କିପରି ଅଧିକ ଟଙ୍କା ଆସିବ ତା' ଉପରେ ଗୁରୁତ୍ୱ ନଦେଇ ଲୋକପ୍ରତିନିଧି ଯେତେବେଳେ ମିଳିମିଶି ଲୋକଙ୍କ ଟଙ୍କାକୁ ମନଇଚ୍ଛା ...

ସେତେବେଳେ ଦରମା ଓ ଭତ୍ତା ବୃଦ୍ଧି ନେଇ ଲୋକପ୍ରତିନିଧିଙ୍କ ବ୍ୟସ୍ତତାକୁ ଲୋକେ ସହଜରେ ଗ୍ରହଣ କରିବେ କେମିତି?

ଲୋକଙ୍କର ଏହି ପ୍ରତିକ୍ରିୟାକୁ ଦେଖି ବିରୋଧୀଦଳ ନେତା ନବୀନ ...

ମହାଶୟ,

ରକ୍ଷକ ଯଦି ଭକ୍ଷକ ହେଲେ କାହାକୁ କହିବା?

**ନିର୍ମଳ ସାମଲ,** ଭୁବନେଶ୍ୱର

ମହାଶୟ,

ଆଜ୍ଞା, ଆପଣଙ୍କ ସମୟ ଉପଯୋଗୀ ଲେଖାଟି ବହୁତ ସୁନ୍ଦର । ଓଡ଼ିଶାର ଲୋକମାନଙ୍କ ମନକୁ ଛୁଇଁବା ଭଳି, ସବୁ ବର୍ଗର ଲୋକମାନଙ୍କ ମନକୁ ଛୁଇଁବ । ସବୁ ବିଷୟରେ ଆଲୋକପାତ କରିଛନ୍ତି ।

ଲୋକ ପ୍ରତିନିଧିମାନେ, ଲୋକମାନଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ, ନିର୍ବାଚନ ପୂର୍ବରୁ ସେମାନଙ୍କ ଅବସ୍ଥାକୁ ମନେରଖିବା ଉଚିତ । ନିର୍ବାଚିତ ହେବା ପରେ ଏବଂ ଲୋକଙ୍କ ଦ୍ୱାରା ଅପସରି ଯିବା ପରେ ୩ଟି ଅବସ୍ଥାକୁ ମନରେ ରଖି ସିଦ୍ଧାନ୍ତ ନେବା ଜରୁରୀ । ଏହା ସମସ୍ତଙ୍କ ଭାଗ୍ୟରେ ଘଟିଥିବା ଦେଖାଯାଏ । ସାଧାରଣ ଲୋକ ସବୁ ଦେଖୁଛନ୍ତି ।

ଗଣତନ୍ତ୍ରର ଜୟ ହେଉ । ବିକଶିତ ଓଡିଶା, ବିକଶିତ ଭାରତ ହେଉ, ଏହି କଥା ଆମକୁ ଚିନ୍ତା କରିବା ଉଚିତ । ଆମେ ସମସ୍ତେ ଶାନ୍ତି, ସ୍ୱସ୍ତିରେ, ନିରାପତ୍ତାରେ, ସାମାଜିକ ଜୀବନଯାପନ କରିବା ଆମର ଧେୟ ହେଉ ସବୁ ଶ୍ରେଣୀର ନାଗରିକମାନେ ବିକଶିତ ହୁଅନ୍ତୁ ।

**କୃପାନିଧି ବିଶ୍ୱାଳ**, ଭୁବନେଶ୍ୱର

ମହାଶୟ,

ବିଧାୟକମାନଙ୍କ ଦରମା ବଢିବା ଏକ ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ଏକାବେଳକେ ତିନିଗୁଣ ବଢ଼ି ସମଗ୍ର ଦେଶରେ ଶୀର୍ଷ ସ୍ଥାନ ଅଧିକାର କରିବା ନିଶ୍ଚିତ ଭାବରେ ଏକ ଅସ୍ୱାଭାବିକ ଘଟଣା । ତା' ଠାରୁ ଅଧିକ ଅସ୍ୱାଭାବିକ ଘଟଣା ହେଉଛି ବିଧାନସଭା ଭିତରେ ସର୍ବସମ୍ମତି କ୍ରମେ ବିଲକୁ ପାସ କରାଇ, ବିଧାନସଭା ବାହାରେ ଭଲେଇ ହୋଇ ଜନସାଧାରଣଙ୍କୁ ସୁହାଇବା ପରି ଅଲଗା ଅଲଗା ବିବୃତ୍ତି ଦେବା । ସୁଖର କଥା ପ୍ରବଳ ଜନବିରୋଧର ସମ୍ମୁଖୀନ ହେବା ପରେ, ଏବେ ବିଜେପି ବିଧାୟକ ଦଳ ପକ୍ଷରୁ ବର୍ଦ୍ଧିତ ଦରମା ଓ ଭତ୍ତା କମାଇବା ପାଇଁ ଆବେଦନ କରାଯାଇଛି । ଏହା ମଧ୍ୟ ଏକ ଅସାଧାରଣ ଘଟଣା । ଆଗକୁ କ'ଣ ଘଟିବ, ବିଧାୟକମାନେ କିଭଳି ନିଷ୍ପତ୍ତି ନେବେ, ଦେଖିବାକୁ ବାକି ରହିଲା ।

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା

# ଯିଏ ଗଢିଥିଲେ 'ସାହିତ୍ୟର ମହଲ'- (୧)



ଢିଙ୍କି ମହାକାଳି ଚକୁଳି

ସମରେନ୍ଦ୍ର ବଳିଆରସିଂହ

କହିଲେ, 'ତୁ ଅଧୈର୍ଯ୍ୟ ହେଇ କାହିଁକି ପଠେଇଲୁ। ମୁଁ ସେଇଟା ଗୋଟେ ଡକୁମେଣ୍ଟାରୀ କରିଥାନ୍ତି, ସେଥିପାଇଁ ଲାଗିଥିଲି। ତା' ପରେ ସେଇଟା 'ମହଲ'ରେ ବାହାରିଥାନ୍ତା। ଆଗୁଆ ବାହାର କରିଥିଲେ ଡକ୍ୟୁମେଣ୍ଟାରୀ ସମ୍ଭବ ହୋଇପାରିନଥାନ୍ତା!' ଏହଭଳି ଅନେକ ସ୍ମୃତି ବଂଶୀ ଦାଦାଙ୍କୁ ନେଇ ରହିଛି। ମୋର ସେତେବେଳେ ଫିଲ୍ମ ଓ ଧାରାବାହିକରେ କିଛିଟା ରୁଚି ଥିଲା। ତେଣୁ ଦାଦା ତାଙ୍କର ବିଭିନ୍ନ ଟେଲିଫିଲ୍ମ ଓ ଧାରାବାହିକ ବାବଦରେ ମୋତେ କହୁଥିଲେ। ଥରେ ତାଙ୍କ ଘରକୁ ଗଲାବେଳକୁ ଖ୍ୟାତନାମା ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ସାଧୁ ମେହେର ଆସିଥିଲେ। ଦୁଇ ତିନି ଦିନର ରହଣି। ସେଦିନ ସାଧୁ ମେହେରଙ୍କ ସହ ପରିଚୟ କରାଇଦେଇଥିଲେ ଦାଦା। ସୂଚନାଯୋଗ୍ୟ, ବଂଶୀ ଦାଦାଙ୍କ ବିଭିନ୍ନ କାହାଣୀକୁ ଟେଲି ଚଳଚ୍ଚିତ୍ର ଓ ଧାରାବାହିକର ରୂପ ଦେଇଥିଲେ ସାଧୁ ମେହେର। ବହୁ କଳା, ସଂସ୍କୃତି ତଥା ସାରସ୍ୱତ ସାଧକଙ୍କୁ ଭେଟିବାର ସୁଯୋଗ ମିଳିଥିଲା ଖୋର୍ଦ୍ଧାରେ ବଂଶୀ ଦାଦା ରହିଥିବା ବିଭିନ୍ନ ଭଡ଼ାଘରମାନଙ୍କରେ । ଜୀବନତମାମ ବହୁ ସଂଘର୍ଷ ସେ କରିଛନ୍ତି। ସାରସ୍ୱତ, ସାଂସ୍କୃତିକ ଜଗତରେ 'ମହଲ' ତିଆରି କରିପାରିଛନ୍ତି, କିନ୍ତୁ ନିଜ ପାଇଁ 'ମହଲ' କ'ଣ 'କୁଟୀର'ଟେ ଗଢିପାରିନାହାନ୍ତି। ଆତିଥେୟତା ଦେବାରେ ସେ ପାଣି ପରି ଅର୍ଥ ଖର୍ଚ୍ଚ କରିଛନ୍ତି ।

ସ୍ୱର୍ଗତ ବଂଶୀଧର ରାଉତଙ୍କ ପିତା ଉଦୟନାଥ ରାଉତ ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଶହୀଦ ଦିବାକର ପରିଡ଼ାଙ୍କ ଅନୁଗାମୀ ଭାବେ ପ୍ରଜା ଆନ୍ଦୋଳରେ ସାମିଲ ଥିଲେ । ସେଇ ଭାବରେ ଉଦବୁଦ୍ଧ ହୋଇ ସେ ଲେଖିଥିଲେ ବେଜେଲଗେଟ୍ ହତ୍ୟା ମାମଲା ଓ ମାଘମାସିଆ ଭଳି ପୁସ୍ତକ। ତାଙ୍କ ଗଳ୍ପ ଓ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି ଅନ୍ଧଯୁଗ, ଜହ୍ନ ମୁହଁରେ ପ୍ରଣୟର ଛବି, ସୂତ୍ରଧର, ଆମେ ସବୁ ଶୃଗାଳମାନଙ୍କ ବିରୁଦ୍ଧରେ, ସବୁ ସୁନ୍ଦର ପକ୍ଷର, ସହର ସପନ, ଗାଁ ପୁରାତନ, ଅନ୍ଧକାରର କାହାଣୀ, ରାଜକୁମାରୀର ପ୍ରେମଲୀଳା, ପଶା ଖେଳ, ସେତୁବନ୍ଧ, ମୋହ, ନିଦ୍ରିତ ଈଶ୍ୱର, ଜଣେ ମନ୍ତ୍ରୀ ଥିଲେ, ଅନ୍ତରଙ୍ଗ ସକାଳ, ଅଦ୍ଭୁତ ବଣିକ, କୋମଳ ଆବେଗ, ଖେଳଘର, ହଜିଲା ଚାନ୍ଦର ମାୟା, ଅନ୍ଧ ରାତିର ମୁହଁ, ଗୋପନୀୟ କାହାଣୀ, ଜୀବନ ସଂଗୀତ, ଜଙ୍ଗଲର ଯନ୍ତ୍ରଣା, ଲକ୍ଷ୍ମଣ ରେଖା ଆଦି ୮୭ଖଣ୍ଡ ପୁସ୍ତକ । ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଆଦି ବିଭିନ୍ନ ବିଭାଗରେ ତାଂକ ସୃଜନ ଶକ୍ତି ସମୃଦ୍ଧ । ନିଜ ପ୍ରତିଷ୍ଠିତ ଗୀତା ପ୍ରକାଶନୀ ମାଧ୍ୟମରେ ବହୁ ବହି ମଧ୍ୟ ସେ ପ୍ରକାଶ କରିଛନ୍ତି। ତାଙ୍କର ଅନେକ ନାଟକ ଗଡ଼ବାଣୀକିଲ ଦେବୀ ରାମଚଣ୍ଡୀ କ୍ଲବ ଓ ଖୋର୍ଦ୍ଧା ଭବାନୀ ୟଙ୍ଗ କ୍ଲବ ଦ୍ୱାରା ମଞ୍ଚସ୍ଥ ହୋଇଛି। ତାଙ୍କ ନିର୍ଦ୍ଦେଶିତ ଟେଲିଫିଲ୍ମ ନୂଆସକାଳ ଦୂରଦର୍ଶନରେ ପ୍ରସାରିତ ହୋଇ ପ୍ରଶଂସିତ ହୋଇଥିଲା। ସେହିଭଳି କଳାନିଧି ବାଂଛାନିଧି ବୃତଚିତ୍ର, ଧାରାବାହିକ ସନ୍ତାନ, ପ୍ରତିଦାନ, ନୂଆଦିଗନ୍ତ, ବିକାଶଧାରା ଆଦି ତାଙ୍କ ଦ୍ୱାରା ପ୍ରଯୋଜିତ ହୋଇ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା। ଜୀବନକାଳ ମଧ୍ୟରେ ସମୁଦାୟ ୫୪ଟି ମଞ୍ଚ ନାଟକ ସେ ନିର୍ଦ୍ଦେଶନା ଦେଇଥିଲେ। ଏଥିସହ ସଂଳାପ ଓ ଚିତ୍ରନାଟ୍ୟ ମଧ୍ୟ ଲେଖିଥିଲେ। ଶହେରୁ ଅଧିକ ମଞ୍ଚ ନାଟକରେ ସେ ଅଭିନୟ ମଧ୍ୟ କରିଥିଲେ । ଖୋର୍ଦ୍ଧା ସାହିତ୍ୟ ସଂସଦ, ଭବାନୀ ୟଙ୍ଗ କ୍ଲବର ସଭାପତି ଭାବେ ଖୋର୍ଦ୍ଧାର ସାହିତ୍ୟ ଓ ନାଟ୍ୟ ପରମ୍ପରାକୁ ସେ ଦିଗଦର୍ଶନ ଦେଇଥିଲେ। ବହୁ ସାରସ୍ୱତ ସାଂସ୍କୃତିକ ସଂଗଠନ ସହ ସଂଗୀତ ନାଟକ ଏକାଡେମୀ ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି । ୨୦୧୭ ମସିହାରେ ସେ ବରିଷ୍ଠ ସାହିତ୍ୟିକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି ।

ନୂତନ ପିଢିଙ୍କୁ ଦିଗଦର୍ଶନ ଦେବାରେ ସେ ତିଳେ ମଧ୍ୟ କାର୍ପଣ୍ୟ କରୁନଥିଲେ। ମଝିରେ ମଝିରେ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ମୋ ଲେଖା ପ୍ରକାଶିତ ହେଲେ ମୋତେ ଫୋନ୍ କରି ବଧେଇ ଜଣାଉଥିଲେ। କହୁଥିଲେ, 'ତୋ ଲେଖା ଭଲ ହଉଚି। ଘରଆଡ଼େ କେବେ ଟିକେ ଆସ । ତୋ ବ୍ୟସ୍ତ ସମୟ ଭିତରୁ ଦାଦା ପାଇଁ କିଛି ସମୟ କାଢ । ଦେହ ଆଉ ଭଲ ରହୁନି। କ'ଣ ଆଉ କହିବି।' ମଝିରେ ମଝିରେ ମୁଁ ଯାଏ । କୁହନ୍ତି, 'ମହଲ'ର ପୁରୁଣା ସଂଖ୍ୟା କ'ଣ ସବୁ ଅଛି ଘରେ, ଟିକେ ଦେଖିବୁ । ଆଉ କ'ଣ ଲେଖାଲେଖି କରୁଚୁ, ମୋତେ ଦବୁ । ତୁ ଟିକେ ସହଯୋଗ କଲେ 'ମହଲ' ପୁଣି ବାହାରକରନ୍ତେ।' ମୁଁ କହିଲି, 'କିଛି ଲୋକଙ୍କୁ ଡାକିକି ଆଲୋଚନା କରିବା, ତା' ପରେ ଯାଇ ଯାହା ନିଷ୍ପତି ନେବା ।' ପତ୍ରିକାଟିକୁ ପୁଣି ପୁନଃଜୀବିତ କରିବା ପାଇଁ ଦାଦା ଚେଷ୍ଟା କରୁଥିଲେ, ତେବେ ଆଜିକା ଯୁଗରେ ବିଜ୍ଞାପନ ଯୋଗାଡ଼ ନ କରିପାରିଲେ ପତ୍ରିକା ବାହାର କରିବା ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା ଭଳି କଥା ।

ଗତ ୨୦୨୨ ଫେବୃଆରୀ ୨୦ ତାରିଖରେ ଗାଳ୍ପିକ ସୁନୀଲ ବୋଷଙ୍କ ସହ ତାଙ୍କ ଘରକୁ ଯାଇଥିଲି । ଆଗରୁ ସେଠାରେ ଉପସ୍ଥିତ ଥିଲେ ତାଙ୍କ ଅନ୍ତରଙ୍ଗ ବନ୍ଧୁ ଖୋର୍ଦ୍ଧାର ସଂଗୀତଜ୍ଞ ବିଜୟ କୁମାର ରାଉତରାୟ । ମୋ ପ୍ରବନ୍ଧ ସଂକଳନ 'ସମୟର ସତ୍ୟପାଠ' ଓ ଗଳ୍ପ ସଂକଳନ 'ମନେଅଛି ତ!' ଦେଲି ଦାଦାଙ୍କୁ । ଭାରି ଖୁସି ହେଲେ, କହିଲେ ପଢିବି । ସାନପୁଅ ସତ୍ୟଜିତ୍ ବୋଧେ ସେତେବେଳେ ଘରକୁ ଆସିଥିଲା । ଫଟୋଟିଏ ଉଠାଇଥିଲା । ସେଦିନ ମୁଁ ତାଙ୍କୁ ଅନୁରୋଧ ଜଣାଇଥିଲି ଆତ୍ମଜୀବନୀ ଲେଖିବାକୁ । କହିଲେ, ଲେଖିବା । ଆହୁରି ଗୁଡ଼ାଏ କାମ ବାକି ଅଛି । ସେଇଥିଲା ଶେଷଦେଖା । ଅଧୁରା ରହିଗଲା ତାଙ୍କ ଆତ୍ମଜୀବନୀ । ଆମେ ଯେତେ ଯିଏ ଲେଖିଲେ ବି ତାଙ୍କ ବ୍ୟକ୍ତିତ୍ୱର ସଠିକ୍ ଆକଳନ କ'ଣ କରିପାରିବା!

ଗାଳ୍ପିକ ବଂଶୀଧର ରାଉତ କିଡନୀ ଜନିତ ସମସ୍ୟାରେ ଦୀର୍ଘବର୍ଷ ଧରି ଘାରି ହେଉଥିଲେ । ପରେ କର୍କଟ ଓ ମସ୍ତିଷ୍କ ଟ୍ୟୁମର ଭଳି ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ୧୯୪୯ ମସିହା ସେପ୍ଟେମ୍ବର ମାସ ୧୭ ତାରିଖରୁ ୨୦୨୩ ମାର୍ଚ୍ଚ ୬ ତାରିଖ ଯାଏଁ ଥିଲା ତାଙ୍କର ଘଟଣାବହୁଳ ଜୀବନ ଅବଧି । କଳା, ସାହିତ୍ୟ, ସଂସ୍କୃତି ଆଦି ବିଭିନ୍ନ ବିଭାଗରେ ତାଙ୍କର ପଟୁତା ଅତୁଳନୀୟ, ତାଙ୍କ ସ୍ଥାନ ଅପୂରଣୀୟ ।

*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୮୨୪୯୬୭୯୦୯୯*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୨ ଡିସେମ୍ବର ୨୦୨୫ ସୋମବାର ପୃଷ୍ଠା ୫


# ଜୀବନ ଘାତକ ଆନୋରେକ୍ସିଆ

ଆଜିକାଲି ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବିଚିତ୍ର ଓ ଅବିଶ୍ୱସନୀୟ ବ୍ୟବସ୍ଥା ଚାଲିଛି । କିଏ ଡାଏଟ୍ ପିଲ୍ ନେଉଛନ୍ତି ତ କିଏ ଫ୍ୟାଟ୍ ବର୍ଣ୍ଣର, କିଏ ଅତିରିକ୍ତ ବ୍ୟାୟାମ କରୁଛନ୍ତି ତ କିଏ ପେଟପୁରା ଖାଉନାହାନ୍ତି । ପେଟପୁରା ଖାଇବା ତ ଦୂରର କଥା, ଖାଦ୍ୟ ବି ଛୁଉଁନାହାନ୍ତି । ଉଦ୍ଦେଶ୍ୟ ପତଳା ଦିଶିବେ, ପରଫେକ୍ଟ ଟେନ୍ ଓ ସାଇଜ ଜିରୋ ଫିଗର ପାଇବେ । 'ଷ୍ଟେ-ସ୍ଲିମ୍'ର ଚକ୍କରରେ ଏବେ ପଡ଼ିଛନ୍ତି କିଶୋରୀ, ତରୁଣୀ ଓ ଯୁବତୀମାନେ ଏପରିକି ମହିଳାମାନେ ବି । ପତ୍ରପତ୍ରିକା, ଟିଭି, ସିନେମା ଓ ଇଣ୍ଟରନେଟରେ ପତଳା ଅଭିନେତା/ଅଭିନେତ୍ରୀମାନଙ୍କୁ ଦେଖି ସେହିମାନଙ୍କ ପରି ଶରୀରର ଫିଗର୍ ରଖିବାକୁ ସେମାନେ ଆଶାୟୀ ହୋଇପଡୁଛନ୍ତି । ନ ଖାଇବା ଫଳରେ ଏହା ଧୀରେ ଧୀରେ ଅଭ୍ୟାସରେ ପଡ଼ିଯାଏ । ଅଭ୍ୟାସରେ ପଡ଼ିଗଲେ ଆନୋରେକ୍ସିଆ




ଆକ୍ରମଣ କରେ । ଥରେ ଆନୋରେକ୍ସିଆ ଗ୍ରାସ କଲେ ଖାଦ୍ୟ ପ୍ରତି ଅରୁଚି ବଢ଼ିଯାଏ ଓ କ୍ଷୁଧାହୀନତାର ଶିକାର ହେବାକୁ ପଡ଼େ । ଆନୋରେକ୍ସିଆ ଏକ ମାରାତ୍ମକ ଅବସ୍ଥା । କାରଣ ଏହା କେତେବେଳେ ଜୀବନ ବି ନେଇଯାଇପାରେ । ଷ୍ଟେ-ସ୍ଲିମ୍‌ର ମାରାତ୍ମକ ମାନସିକତାରେ ଆଜିର ଯୁବପିଢ଼ି କବଳିତ ହୋଇଯାଉଛି ଯେମିତି । ଓଜନ ହ୍ରାସ କରିବା ଓ ପତଳା ଦିଶିବା ଚକ୍କରରେ ଆନୋରେକ୍ସିଆକୁ ନିମନ୍ତ୍ରଣ କରିବା ନିଶ୍ଚିତ ଭାବରେ ଏକ ବୋକାମୀ ଏବଂ ଏହି ବୋକାମୀର ବୁଢ଼ିଆଣୀ ଜାଲରେ ଛନ୍ଦି ହୋଇଯାଉଛନ୍ତି କିଶୋର ଓ ଯୁବବର୍ଗମାନେ ।






ଆନୋରେକ୍ସିଆର ଜଟିଳ ଓ ଭୟଙ୍କର ପ୍ରତିକ୍ରିୟା ଶରୀରର ଲିଭର, ଯକୃତ ଓ ପ୍ଳିହା ଉପରେ ପଡ଼ିଥାଏ । ଏହି ବର୍ଗର ଅଭ୍ୟାସକାରୀମାନେ ମଦ୍ୟପାନ, ଯେକୌଣସି ନିଶା ସେବନ କରୁଥିଲେ ପରବର୍ତ୍ତୀ ସମୟରେ ଏହା ଲିଭର ସିରୋସିସ୍ ବା ଜଟିଳ ଯକୃତ ଯନ୍ତ୍ରଣାର କାରକ ପାଲଟିଥାଏ । ଆନୋରେକ୍ସିଆରେ ମଧ୍ୟ କେତେ ଜଣ ସେଲିବ୍ରିଟି ଓ ପ୍ରସିଦ୍ଧଲାଭ କରିଥିବା ବ୍ୟକ୍ତିଙ୍କର ଜୀବନ ଦୀପ ଲିଭି ଯାଇଛି । ସେମାନଙ୍କ ମଧ୍ୟରେ ରହିଛନ୍ତି ଫ୍ରାନ୍ସର ମଡ଼େଲ ଓ ଅଭିନେତ୍ରୀ ଇସାବେଲ କାରୋ ଏବଂ ଉରୁଗୁଏର ଦାମୀ ମଡ଼େଲ ଇଲିଆନା ରାମୋସ୍ । ଇସାବେଲ ମାତ୍ର ଅଠେଇଶ ବର୍ଷ ବୟସରେ ଓ ଇଲିଆନା ମାତ୍ର ଅଠର ବର୍ଷ ବୟସରେ ଆଖିବୁଜି ଦେଇଥିଲେ। ମୃତ୍ୟୁ ପୂର୍ବରୁ କାରୋ ତାଙ୍କର ସ୍କିନି ଶରୀରରେ କରିଥିଲେ ଏକ ବିବାଦୀୟ ଆଡ୍ କ୍ୟାମ୍ପେନ୍ ନୋ ଆନୋରେକ୍ସିଆ ।

ଆନୋରେକ୍ସିଆରେ କେବଳ ଯେ ନାରୀମାନେ ଆକ୍ରାନ୍ତ ହେବେ ତାହା ନୁହେଁ, ଆବଶ୍ୟକତା ଠାରୁ ଅଧିକ ଏକ୍ସରସାଇଜ କରୁଥିବା ଓ ଓଜନ ହ୍ରାସ କରୁଥିବା ପୁରୁଷମାନଙ୍କୁ ମଧ୍ୟ ଏହା ଆକ୍ରମଣ କରିବାର ଆଶଙ୍କା ରହିଛି । ତେବେ ପୁରୁଷଙ୍କ ତୁଳନାରେ ନାରୀମାନଙ୍କୁ ଏହା ଅଧିକ ଆକ୍ରମଣ କରୁଛି କାରଣ ସେମାନେ କମ୍ ପରିମାଣରେ ଖାଦ୍ୟ ଖାଆନ୍ତି, ଅଧିକ ଉପବାସ କରନ୍ତି ଓ ମନସ୍ତାତ୍ତ୍ୱିକ ସ୍ତରରେ ସେମାନଙ୍କର ଅଧିକ ସମସ୍ୟା ରହିଛି। ଆସୋଚାମ ସୋସିଆଲ ଡେଭେଲପ୍‌ମେଣ୍ଟ ଫାଉଣ୍ଡେସନ୍ ଦ୍ୱାରା ଦେଶର ଚାରିଟି ମେଟ୍ରୋ ସମେତ ଦଶଟି ସହରରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୧୦-୨୫ ବର୍ଷ ବୟସ ଗ୍ରୁପର ବାଳିକା ଓ ଯୁବତୀମାନେ ପତଳା ଦିଶିବାକୁ ଏବଂ ଓଜନ ହ୍ରାସ କରିବାକୁ ଦିନରାତି ଚିନ୍ତିତ । ଆଧୁନିକ ଜୀବନଶୈଳୀ, ସ୍ଲିମ ମଡ଼େଲ ଓ ଫିଲ୍ମ ଆଉ କ୍ରୀଡ଼ା ଜଗତର ବିଭିନ୍ନ ବ୍ୟକ୍ତିତ୍ୱଙ୍କ ଦ୍ୱାରା ସେମାନେ ଅନୁପ୍ରାଣୀତ । କଟକ ଭୁବନେଶ୍ୱର ପରି ଦ୍ୱୈତ ମହାନଗରୀର କଲେଜ ପଢୁଆ, ଯୁବବର୍ଗ ମଧ୍ୟରୁ ଅର୍ଦ୍ଧେକ ଡାଏଟିଂ କରୁଛନ୍ତି। ଜିମ୍‌କୁ ଯାଉଥିବା ଟିନ୍‌ଏଜ୍‌ରଙ୍କ ମଧ୍ୟରୁ ଶତକଡ଼ା ୩୫ ଭାଗ ସେମାନଙ୍କର ଡାଏଟ୍‌ପିଲ୍, ପ୍ରୋଟିନ୍ ଶେକ୍ ଆଦି ବାବଦରେ ବ୍ୟୟ କରୁଛନ୍ତି ଅନେକ ପଇସା ସେମାନଙ୍କର ମାସିକ ଜିମ୍ ଖର୍ଚ୍ଚକୁ ଛାଡ଼ି । ଅଧିକାଂଶ ଟିନ୍‌ଏଜର୍ ସେଲିବ୍ରିଟିମାନଙ୍କ ପରି ପରଫେକ୍ଟ ଫିଗର୍ ପାଇବାକୁ ଆଗ୍ରହୀ । ସେଲିବ୍ରିଟିମାନେ ହିଁ ସେମାନଙ୍କର ରୋଲ ମଡ଼େଲ ହୋଇଯାଇଛନ୍ତି। ତେଣୁ ସେମାନେ ରୀତିମତ ଅତ୍ୟଧିକ ଏକ୍ସରସାଇଜ ଓ ଡାଏଟିଂ ଇତ୍ୟାଦି କରୁଛନ୍ତି ଲିନ୍ ରହିବାକୁ ଏବଂ ଏସବୁର କ୍ଷତିକାରକ ଦିଗ ପ୍ରତି ସେମାନଙ୍କର ଆଦୌ ନଜର ନାହିଁ ।



ଆନୋରେକ୍ସିଆକୁ କୁହାଯାଏ ଆନୋରେକ୍ସିଆ ନର୍ଭୋସା। ଏହା ଝିଅମାନଙ୍କୁ ଅଧିକ କବଳିତ କରେ । ଏଥିରେ ଆକ୍ରାନ୍ତ ଝିଅଟି ମୋଟା ହୋଇଯାଉଛି ବୋଲି ଅଯଥାରେ ଚିନ୍ତା କରେ । ତା'ର ଉଚ୍ଚତା ଅନୁଯାୟୀ ଓଜନ ଠିକ୍ ଥିଲେ ବି ସେ ଓଭର ୱେଟ ହୋଇଯାଉଛି ବୋଲି ଭାବେ । ଯଥେଷ୍ଟ ଖାଇବାକୁ ମନା କରେ । ଅତ୍ୟଧିକ ଏକ୍ସରସାଇଜ କରେ । ଆଜିକାଲି ତ ଅନେକ ବାନ୍ତି କରିବାକୁ ସ୍ଲିମ୍ ହେବାର ଏକ ମାଧ୍ୟମ ବୋଲି ଧରିନେଇଛନ୍ତି । ଆନୋରେକ୍ସିଆର ପରି ଆଉ ଏକ କମ୍ପ୍ଲେକ୍ସ ଇଟିଂ ଡିଜ୍‌ଅର୍ଡ଼ର ହେଉଛି ବୁଲିମିଆ । ଏହା ମଧ୍ୟ ଖାଦ୍ୟ ପ୍ରତି ଅରୁଚି ବଢ଼ାଇଦିଏ । ପିନ୍ସେସ ଡାଏନା ବୁଲିମିଆରେ ଆକ୍ରାନ୍ତ ହୋଇଥିଲେ । ଆନୋରେକ୍ସିଆ ପରି ଏହା ଖାଦ୍ୟ ପ୍ରତି ଅରୁଚିଭାବ ସୃଷ୍ଟି କରେ । ଏପରିକି ଖାଦ୍ୟ ଦେଖିଲେ ଫିଙ୍ଗିଦେବାକୁ ଇଚ୍ଛା ହୁଏ । ନିଜ ଓଜନକୁ ନେଇ ଯେଉଁମାନେ ବୀତସ୍ପୃହ ହୋଇପଡ଼ନ୍ତି ସେମାନେ ପ୍ରାୟତଃ ବୁଲିମିଆରେ ଆକ୍ରାନ୍ତ ହୁଅନ୍ତି । ସେମାନଙ୍କ ମୁଖମଣ୍ଡଳରେ ଏହାର ପ୍ରଭାବ ପଡ଼େ ଓ ପେଟ ଗୋଳମାଳ ହୁଏ । ରତୁସ୍ରାବରେ ପ୍ରୋବ୍ଲେମ ହୁଏ । ବୁଲିମିଆ ଜୀବନ ମଧ୍ୟ ନେଇଯାଇପାରେ । ଆନୋରେକ୍ସିଆର ଲକ୍ଷଣ କ'ଣ? ଏହାର ପ୍ରଥମ ଲକ୍ଷଣ ହେଉଛି ଖାଦ୍ୟ ପ୍ରତି ଅରୁଚି ବୃଦ୍ଧି ପାଇବା, ପତଳା ହୋଇ ମଧ୍ୟ ଡାଏଟିଂ କରିବା, କେବଳ ଲୋ କ୍ୟାଲୋରୀ ଖାଦ୍ୟ ଖାଇବା ଏବଂ କାର୍ବୋହାଇଡ୍ରେଟ୍ସ ଓ ଫ୍ୟାଟସ୍ ନ ଖାଇବା । କେବଳ ଏତିକି ନୁହେଁ, ନିଜର ଖାଇବା ହାବିଟ୍ ସଂପର୍କରେ ମିଛ କହିବା, ଖାଦ୍ୟ ନଖାଇବା ପାଇଁ ଖାଦ୍ୟକୁ ଲୁଚାଇ ରଖି ପରେ ଫିଙ୍ଗିଦେବା ମଧ୍ୟ ଆନୋରେକ୍ସିଆର ଲକ୍ଷଣ। ଆନୋରେକ୍ସିଆ ଗ୍ରାସ କଲେ ଶରୀର ଭୋକିଲା ବ୍ୟବସ୍ଥାରେ ରହେ । କେଶ ଓ ନଖ ଟାଆଁସିଆ ପଡ଼ିଯାଏ, ତ୍ୱଚା ଶୁଷ୍କ ଦିଶେ, କୋଷ୍ଠକାଠିନ୍ୟ ବଢ଼ିଯାଏ, ନିଶ୍ୱାସ ପ୍ରଶ୍ୱାସର ଗତି ହ୍ରାସ ପାଏ, ଶରୀରର ଆଭ୍ୟନ୍ତରୀଣ ଟେମ୍ପରେଚର ହ୍ରାସ ପାଇଯିବା ଫଳରେ ଥଣ୍ଡା ଅନୁଭୂତ ହୁଏ ମାନ୍ଦାଳିଆ ଲାଗେ ଓ ମନ ଚାପଗ୍ରସ୍ତ ହୁଏ । ଆନୋରେକ୍ସିଆର ପାର୍ଶ୍ୱପ୍ରତିକ୍ରିୟା ମଣିଷ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର, ଯକୃତ ଉପରେ ପଡ଼େ । ଅତ୍ୟଧିକ ପରିମାଣର ବଜାରରେ ମିଳୁଥିବା ପ୍ରୋଟିନ୍ ପାଉଡର, ଫାଷ୍ଟଫୁଡ୍, ଷ୍ଟିରଏଡ଼ ବଟିକା, ପ୍ରଚୁର ପରିମାଣର ଆମିଷ ଖାଇବା ପାଇଁ ବର୍ତ୍ତମାନର ଯୁବପିଢ଼ି ଅଧିକ ଆଗ୍ରହ ରଖି ଏହାଦ୍ୱାରା ସେମାନେ ବେଶ୍ ସୁସ୍ଥ ସୁବଳ ଦିଶିବେ ବୋଲି ଭାବିଥାନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ଏହି ଆନୋରେକ୍ସିଆ ଶରୀରର ବିଭିନ୍ନ ବିଭାଗକୁ ଓ ଧମନୀକୁ ଆକ୍ରାନ୍ତ ମଧ୍ୟ କରିଥାଏ । ପ୍ରାଥମିକ ସମୟରେ ଭୋକ ଲାଗୁଥିବା ବଟିକା ବା ଷ୍ଟିରଏଡ୍ ଖାଇ ଖାଦ୍ୟ ଆଗ୍ରହ ବଢ଼ାଉଥିବା ଯୁବପିଢ଼ିମାନେ ପରବର୍ତ୍ତୀ ସମୟରେ ଏହି ଔଷଧ ବିନା ସେମାନେ କୌଣସି ଖାଦ୍ୟକୁ ଗ୍ରହଣ କରିବା ପାଇଁ ରୁଚି ରଖି ନଥାନ୍ତି । ଆନୋରେକ୍ସିଆର ଶିକାର ହୋଇଥିବାର ଲକ୍ଷଣ ଜାଣିବାକୁ ପାଇଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଆନୋରେକ୍ସିଆ ନର୍ଭୋସାକୁ ବାଦ ଦେଇ ଅନ୍ୟାନ୍ୟ ରୋଗ ଯଥା ପେପ୍‌ଟିକ ଅଲସ୍ର, କ୍ୟାନସର, ଟିବି, ଏଚ୍‌ଆଇଭି ସଂକ୍ରମଣ, କିଡ୍‌ନୀ ରୋଗରେ ଏହି କ୍ଷୁଧାହୀନତାର ଲକ୍ଷଣ ମିଳିଥାଏ । ତେଣୁ ତୁରନ୍ତ ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ ନେବା ବିଧେୟ ।





*ଡା. ଉମେଶ ଚନ୍ଦ୍ର ପାତ୍ର*
*ମୋ. ୯୪୩୭୦୫୧୯୫୭*




# ଶୀତ ଦିନେ ସ୍ନାୟୁପୀଡ଼ା

ଶୀତଋତୁରେ ବିଭିନ୍ନ ପ୍ରକାର ପୁରାତନ ବ୍ୟଥା ମୁଣ୍ଡ ଟେକେ । ଏହି ଋତୁରେ ସ୍ନାୟୁ ସହିତ ଜଡ଼ିତ ବିଭିନ୍ନ ରୋଗ, ଗଣ୍ଠି-ମାଂସପେଶୀ ଦରଜ ଆଦି ହୋଇଥାଏ । କୌଣସି ପୁରୁଣା ଆଘାତ ଯାହାକି ପୂର୍ବରୁ ଠିକ୍ ହୋଇଯାଇଥାଏ । ତାହା ମଧ୍ୟ ପୁଣି ବାହାରେ । କେବଳ ବୟସ୍କଲୋକ ନୁହଁନ୍ତି, ଯୁବକ, ଯୁବତୀମାନେ ଏ ପ୍ରକାର ସମସ୍ୟା ଭୋଗିଥାନ୍ତି । ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍ ରୋଗୀଙ୍କ ଠାରେ ଏ ପ୍ରକାର ରୋଗର ଆଶଙ୍କାବେଶୀ । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଗଣ୍ଠି ମାଂସପେଶୀ ବ୍ୟଥାର ଭୟ ୪୦ ପ୍ରତିଶତ ଅଧିକ । ସ୍ନାୟୁ ସହିତ ଜଡ଼ିତ ବ୍ୟଥା ନ୍ୟୁରୋପାଥିକ ପେନ୍ ଭାବରେ ପରିଚିତ । ଏହା ଯେ କୌଣସି ବୟସର ବ୍ୟକ୍ତିଙ୍କୁ ହୋଇଥାଏ । ଏଥିରେ ସାଇଟିକା, ଡାଇବେଟିସ୍, କ୍ୟାନସର ସଂକ୍ରାନ୍ତ ସ୍ନାୟୁ ବ୍ୟଥା, ମୁହଁ ଦରଜ, ମାଇଗ୍ରେନ, ଷ୍ଟ୍ରୋକ୍, ସ୍ପାଇନାଲ କର୍ଡ ଇଞ୍ଜୁରୀ, କୌଣସି ଦୁର୍ଘଟଣା ଆହତ ଆଦି ସାମିଲ । ଅପରେସନ ପରେ ଦେହରେ ଯେଉଁ କଟାଦାଗ ରହିଯାଏ ତାହା ମଧ୍ୟ ବ୍ୟଥାର କାରଣ ସାଜିଥାଏ । କୌଣସି ମହିଳାଙ୍କର ସିଜେରିଆନ ଅସ୍ତ୍ରୋପଚାର ପରେ ଯେଉଁ କଟାଦାଗ ରହେ ତାହା ମଧ୍ୟ ବ୍ୟଥାର କାରଣ ହୋଇଥାଏ । ତେବେ ସମସ୍ତଙ୍କ ଠାରେ ଯେ ଏପରି ବ୍ୟଥା ହେବ ତାହା ନୁହେଁ, ବିଶେଷକରି ଅସ୍ତ୍ରୋପଚାର ପରେ ଯେଉଁମାନଙ୍କର କିଛି କ୍ଷତି ଘଟିଥାଏ ସେମାନଙ୍କ କ୍ଷେତ୍ରରେ ଏପରି ବ୍ୟଥାର ଆଶଙ୍କା ଅଧିକ । ଶୀତ ବଢ଼ିବା ସହିତ ଶରୀରରେ ରକ୍ତ ଯୋଗାଉଥିବା ସ୍ନାୟୁ ସଂକୁଚିତ ହୋଇଯାଏ । ଫଳରେ ଦେହରେ ଠିକ୍ ଭାବରେ ରକ୍ତ ସଂଚାର ହୋଇପାରେ ନାହିଁ ଏବଂ ବିଭିନ୍ନ ପ୍ରକାର ବ୍ୟଥା ବୃଦ୍ଧି ପାଏ । ନ୍ୟୁରୋପାଥିକ ବ୍ୟଥା ଫଳରେ ରୋଗୀ ଶରୀର କୌଣସି ଅଂଶ କୁଣ୍ଡାଇ ହେବା, ଜ୍ୱାଳା ଅନୁଭୂତ ହେବା, ଛୁରୀ ମାରିଲା ଭଳି ଦରଜ, ବିଦ୍ୟୁତ୍ ସକ୍ ଲାଗିବା ପରି ଜଣାପଡ଼ିଥାଏ ।





ଏଥିରେ ଯେଉଁ ସ୍ନାୟୁ ଅଧିକ ସକ୍ରିୟ ଜଣାପଡ଼େ ତାହାକୁ ଅସ୍ଥାୟୀ ଭାବରେ ବ୍ଲକ୍ କରିଦିଆଯାଏ । ବ୍ଲକ କରିବା ପାଇଁ ସେହି ସ୍ନାୟୁରେ ଇଞ୍ଜେକସନ୍ ମଧ୍ୟ ଦିଆଯାଏ । ଫଳରେ ବ୍ୟଥା କମ୍ ଜଣାପଡ଼େ । ଖରା ବଢ଼ିଲେ ଏହି ସ୍ନାୟୁ ୩/୪ ମାସ ଭିତରେ ରିଜୋନେଭେଟ୍ ହୋଇଥାଏ । ସେହିଠାରୁ ରକ୍ତ ସ୍ନାୟୁ ଆପେ ଆପେ ଠିକ୍ ହେବା ଆରମ୍ଭ ହୁଏ । ସାଇଟିକା କିମ୍ବା ସ୍ପାଇନାଲ କର୍ଡ଼ ସମସ୍ୟା ଯାହା ହେଉନା କାହିଁକି ଏସବୁଥିରେ ଇଞ୍ଜେକସନ୍ ନେବାକୁ ପଡ଼ିଥାଏ । ଷ୍ଟ୍ରୋକ୍ ହେଉଥିଲେ ଔଷଧ ମାଧ୍ୟମରେ ଏହାର ଚିକିତ୍ସା କରାଯାଏ । ଏହା ସାଙ୍ଗକୁ ଫିଜିଓ ଥେରାପି କରିବାକୁ ପଡ଼େ । ଇଞ୍ଜେକସନ୍ ମଧ୍ୟ ଦିଆଯାଏ । ଏଥିରେ ମୁହଁର ଏକ ସ୍ଥାନରେ ବିଦ୍ୟୁତ୍ କରେଣ୍ଟ ମାରିଲା ପରି ବ୍ୟଥା ଅନୁଭୂତ ହୁଏ ଏବଂ ଏକ ମିନିଟ୍ ଦୁଇ ମିନିଟ୍ ପର୍ଯ୍ୟନ୍ତ ଜଣାପଡ଼େ ।







ଏହା ବିଶେଷ କରି ଗାଲ ଭିତରେ ଅନୁଭୂତ ହୁଏ ଏବଂ କିଛି ଦିନ, ସପ୍ତାହ କିମ୍ବା ମାସ ପର୍ଯ୍ୟନ୍ତ ବଜାୟ ରହେ । ପୁଣି ହଠାତ୍ କିଛି ମାସ-ବର୍ଷ ଆରମ୍ଭ ହୋଇ କ୍ରମଶଃ ବଢ଼େ ଏବଂ ଗାଲର ସଂସ୍ପର୍ଶରେ କୌଣସି ଜିନିଷ ଆସିଲେ ବିଶେଷ କରି ଖିଅର ହେବା, ମୁହଁ ଧୋଇବା, ମେକଅପ୍ ଲଗାଇବା ସମୟରେ ବଢ଼ିଥାଏ । ବ୍ରଶ କରିବା, ଖାଇବାପିଇବା, କଥା କହିବା ଏବଂ ବାୟୁ ସଂସ୍ପର୍ଶରେ ଆସିଲେ ମଧ୍ୟ ଏ ପ୍ରକାର ବ୍ୟଥା ବଢ଼ାଇଥାଏ । ଯେ କୌଣସି ଏ ପ୍ରକାର ବ୍ୟଥା ଅନୁଭୂତ ହୋଇଥାଏ । ତେବେ ୫୦ରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ଏ ପ୍ରକାର ବ୍ୟଥାର ଆଶଙ୍କା ବେଶୀ । ପୁରୁଷଙ୍କ ତୁଳନାରେ ମହିଳାମାନେ ଏ ପ୍ରକାର ବ୍ୟଥା ଅଧିକ ଅନୁଭୂତ କରିଥାନ୍ତି । ଟ୍ରିଜେମିନାଲ୍ ସ୍ନାୟୁ ଦବିଯିବା ଫଳରେ ଏ ପ୍ରକାର ବ୍ୟଥା ହୋଇଥାଏ । ଏ ପ୍ରକାର ରୋଗୀ ଭିଟାମିନ୍ ବି, ଖାଇବା ଜରୁରୀ । ସବୁଜ ପନିପରିବା, କଦଳୀ, ଅମୃତଭଣ୍ଡା ଇତ୍ୟାଦି ଖାଦ୍ୟରେ ସାମିଲ କରିବା ଉଚିତ । ଏହାଛଡ଼ା ସୁପ୍, ଆମିଷ, ଆଦି ଖାଇଲେ ଶରୀରକୁ ଉଷ୍ମତା ମିଳିଥାଏ । ଶୀତଦିନ ସ୍ନାୟୁକୁ ଥଣ୍ଡା ଠାରୁ ସୁରକ୍ଷିତ ରଖିବା ଉଚିତ । ଯେଉଁମାନଙ୍କର ସ୍ନାୟୁ ଦୁର୍ବଳ ସେମାନେ ବାଇକ୍ ଚଳାଇବା ସମୟରେ ନିଜ ମୁଣ୍ଡ, ମୁହଁ ଏବଂ କାନକୁ ସମୟରେ ନିଜ ମୁଣ୍ଡ, ମୁହଁ ଏବଂ କାନକୁ ଗରମ କପଡ଼ାରେ ଘୋଡ଼ାଇ ରଖିବା ଆବଶ୍ୟକ । ନଚେତ୍ ଥଣ୍ଡା ପବନ ବାଜି ସ୍ନାୟୁ ପ୍ରଭାବିତ ହେବାର ଆଶଙ୍କା ଥାଏ ।

# ଭାରତୀୟ ଶିଶୁଙ୍କ ସ୍ୱାସ୍ଥ୍ୟ ସ୍ଥିତି

ଭାରତରେ ଶିଶୁଙ୍କ ସ୍ୱାସ୍ଥ୍ୟଜନିତ ବିଚିତ୍ର ସ୍ଥିତି ଦେଖିବାକୁ ମିଳୁଛି । ଅନ୍ୟ ଦେଶ ତୁଳନାରେ ଭାରତରେ ସର୍ବାଧିକ ଅପପୁଷ୍ଟିର ଶିକାର ଶିଶୁ ରହିଥିବାବେଳେ ୫୦ଜଣ ଶିଶୁଙ୍କ ମଧ୍ୟରେ ଜଣେ ଶିଶୁ ପୃଥୁଳ ରହିଛନ୍ତି । ଲଣ୍ଡନର ଇମ୍ପେରିଆଲ କଲେଜ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ହୋଇଥିବା ଅନୁଧ୍ୟାନରୁ ଏହା ଜଣାପଡ଼ିଛି । ବିଶେଷ କରି ପୃଥୁଳ ଶିଶୁ ସମସ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏଥିପାଇଁ ଜଙ୍କଫୁଡ୍ ଓ ସୁସ୍ତିଆ ଜୀବନଶୈଳୀ ଯେତିକି ଦାୟୀ କୁପୋଷଣ ବା ଅପପୁଷ୍ଟିର ଶିକାର ମା'ର ଗର୍ଭଧାରଣ ବି ସେତିକି ଦାୟୀ । ଭାରତରେ ପୃଥୁଳ ସମସ୍ୟା ବେଶି ଦିନର ନୁହେଁ । ଏପରିକି ବିଶ୍ୱର କମ୍ ପୃଥୁଳ ସମସ୍ୟା ଥିବା ଦେଶ ମଧ୍ୟରେ ଭାରତ ଏବେ ରହିଛି । କିନ୍ତୁ ଏବେ ଏହି ସମସ୍ୟା ବଢ଼ିବାରେ ଲାଗିଛି । ଇମ୍ପେରିଆଲ କଲେଜର ଗବେଷକ ଡ.ଜେମ୍ସ ବେନାଥମ୍ କୁହନ୍ତି ଯେ, ୧୯୭୫ରେ ଭାରତରେ ପ୍ରାୟତଃ କେହି ଝିଅପୁଅ ପୃଥୁଳତାର ଶିକାର ହୋଇ ନଥିଲେ । ୪୦ବର୍ଷ ତଳେ ଭାରତରେ ବିରଳ ଥିବା ପୃଥୁଳ ସମସ୍ୟାରେ ଏବେ କିନ୍ତୁ ୫୦ ଜଣ ଶିଶୁଙ୍କ ମଧ୍ୟରେ ପ୍ରାୟ ଜଣେ ପ୍ରଭାବିତ ବୋଲି ବେନାଥମ୍ କହିଛନ୍ତି । ଗୋଟିଏ ପଟେ ପୃଥୁଳ ସମସ୍ୟା ଚିନ୍ତାଜନକ ଥିବାବେଳେ ଅପପୁଷ୍ଟିଜନିତ ସମସ୍ୟା ଦୀର୍ଘଦିନ ଭାରତରେ ରହିଆସିଛି । ଅପପୁଷ୍ଟି ନିରାକରଣ ପାଇଁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ସତ୍ତ୍ୱେ ସଫଳତା ମିଳୁନାହିଁ । ଏକ ସର୍ଭେ ଅନୁଯାୟୀ ୨୦୧୬ରେ ଦେଶରେ ୨୨ ପ୍ରତିଶତ ଝିଅ ଓ ୩୦ ପ୍ରତିଶତ ପୁଅଙ୍କ ଓଜନ ସ୍ୱାଭାବିକ ଠାରୁ କମ୍, ଯାହା ଅନ୍ୟ ଦେଶ ତୁଳନାରେ ସବୁଠୁ ଅଧିକ। ଗବେଷକମାନେ ଦେଖିବାକୁ ପାଉଛନ୍ତି ଯେ, ଭାରତରେ ଉଭୟ ଅଧିକ ଓଜନ ଓ କମ୍ ଓଜନର ଶିଶୁ ପ୍ରାୟତଃ ଗରିବ ପରିବାରର ଯେଉଁମାନଙ୍କୁ ସୀମିତ ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ମିଳେ ।



ସମଗ୍ର ପୃଥିବୀରେ ଭାରତ ଏକ ବିକାଶଶୀଳ ରାଷ୍ଟ୍ର ଭାବେ ପରିଗଣିତ । ନିକଟରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରୁ ସ୍ପଷ୍ଟ ହେଉଛି ଯେ ଭାରତର ସ୍ଥିତି କେଉଁପରି । କାରଣ ଯୁଦ୍ଧପ୍ରବଣ ଓ ସ୍ୱେଚ୍ଛାଚାରୀ ଶାସକ ଦ୍ୱାରା ପରିଚାଳିତ ଉତ୍ତର କୋରିଆ ତୁଳନାରେ ଭାରତରେ କ୍ଷୁଧାର୍ତ୍ତ ଶିଶୁଙ୍କ ସଂଖ୍ୟା ଅଧିକ । ୧୧୯ ଦେଶକୁ ନେଇ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥାନ ଅତ୍ୟନ୍ତ ନିମ୍ନରେ ରହିଛି । ଯେଉଁଠି ଉତ୍ତର କୋରିଆ ଓ ବାଙ୍ଗଲାଦେଶ ଭଳି ଦେଶର ସ୍ଥାନ ଯଥାକ୍ରମେ ୯୩ ଓ ୮୮ ରହିଥିବାବେଳେ ଭାରତର ର୍ୟାଙ୍କ ୧୦୦ ରହିଛି । ଏଥିରୁ ଦେଶର ଭୟଙ୍କର ଅପପୁଷ୍ଟି ଜନିତ ସମସ୍ୟାକୁ ଜାଣି ହେଉଛି। ସୂଚନାଥାଉକି ଉକ୍ତ ୧୧୯ ଦେଶର କ୍ଷୁଧା ସୂଚକାଙ୍କ ନିର୍ଦ୍ଧାରଣ କରିବା ପାଇଁ ହୋଇଥିବା ଅନୁଧ୍ୟାନରୁ ଅପପୁଷ୍ଟି. ଶିଶୁମୃତ୍ୟୁ, ବୟସ ଅନୁସାରେ ଶିଶୁଙ୍କ ଉଚ୍ଚତା କମ୍ ଓ ଉଚ୍ଚତା ଅନୁସାରେ ଶିଶୁଙ୍କ ଓଜନ କମ୍ ସମ୍ପର୍କରେ ଜଣାପଡ଼ିଥିଲା । ଭାରତରେ ଗତ ୨୫ ବର୍ଷ ମଧ୍ୟରେ ଶିଶୁଙ୍କ କମ୍ ଓଜନ ସମସ୍ୟାରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଆସିନାହିଁ । ଭାରତରେ ୫ ବର୍ଷରୁ କମ୍ ବୟସର ୨୧ ପ୍ରତିଶତ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି । ସେମାନଙ୍କ ଓଜନ ସ୍ୱାଭାବିକ ଠାରୁ କମ୍ ରହିଛି । ୧୯୯୨ରେ ତାହା ୨୦ ପ୍ରତିଶତ ଥିଲା କେବଳ କମ୍ ଉଚ୍ଚତାର ଶିଶୁ କ୍ଷେତ୍ରରେ ଭାରତର ସ୍ଥିତିରେ ସୁଧାର ଆସିଛି । ୧୯୯୨ରେ ଏହି ହାର ୬୧.୯ ପ୍ରତିଶତ ଥିବାବେଳେ ତାହା ଏବେ ୩୮.୪ ପ୍ରତିଶତକୁ ଖସି ଆସିଛି । କିନ୍ତୁ ୩୮.୪ ପ୍ରତିଶତ ମଧ୍ୟ ଚିନ୍ତାଜନକ । କାରଣ ବିଶ୍ୱର ଅନ୍ୟଦେଶ ତୁଳନାରେ ଏହା ଅଧିକ । ସେହିପରି ୫ ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁହାର ମଧ୍ୟ ହ୍ରାସ ପାଇଛି। ୨୦୧୭ରେ ଦେଶରେ ୪.୮ ପ୍ରତିଶତ ଥିବାବେଳେ ଏହା ୧୯୯୨ର ମୃତ୍ୟୁହାର ଠାରୁ ପ୍ରାୟତଃ ୭ ପ୍ରତିଶତ କମ୍ । ଯଦିଓ ଭାତରରେ ସ୍ୱାସ୍ଥ୍ୟସେବା ବିଶ୍ୱର ଅନ୍ୟ ରାଷ୍ଟ୍ରର ତୁଳନାତ୍ମକ କ୍ଷେତ୍ରରେ ଆଗୁଆ ଓ ପ୍ରଗତିଶୀଳ । ତେବେ କେବଳ ଅପହଞ୍ଚ, ଆଦିବାସୀ ବା ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅପପୁଷ୍ଟିର ଶିକାର ହେଉଥିବା ପିଲାମାନଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ପିଲାଟି ଗର୍ଭରେ ରହିବା ସମୟ ଠାରୁ ସରକାରୀ ବ୍ୟବସ୍ଥିତ ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ଘରେ ଘରେ ଉପଲବ୍ଧ କରାଯାଉଛି । ଏସବୁ ସତ୍ତ୍ୱେ ଏଯାବତ୍ ଶିଶୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେତେଟା ଉତ୍ସାହଜନକ ପରିଦୃଶ୍ୟ ସୃଷ୍ଟି ହୋଇପାରିନାହିଁ । ଅନେକ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ଭିତରେ ଶେଷ ହୋଇପାରୁ ନଥିବାରୁ ଶିଶୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ସେବା ବେଳେ ବେଳେ ବିଳମ୍ବିତ ହେଉଥିବାର ଅଭିଯୋଗ ଉଠିଥାଏ । ସମଗ୍ର ବିଶ୍ୱରେ ଶିଶୁ ଅପପୁଷ୍ଟି ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ କ୍ଷେତ୍ର ପାଇଁ ଏକ ଉଦ୍‌ବେଗଜନକ ପ୍ରସଙ୍ଗ କାରଣ ଏହା କେବଳ ପିଲାର ଶାରୀରିକ କ୍ଷେତ୍ର ନୁହେଁ ବୌଦ୍ଧିକ ଓ ମାନସିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ । ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ମିଳିତ ଜାତିସଂଘ, ୟୁନିସେଫ୍ ଓ ବିଭିନ୍ନ ଆନ୍ତର୍ଜାତିକ ସଂଗଠନ ଅନେକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି ଏ କ୍ଷେତ୍ରରେ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।





*ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ*
*ମୋ. ୯୪୩୭୧୨୪୦୭୪*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୨ ଡିସେମ୍ବର ୨୦୨୫ । ସୋମବାର


## ବନ୍ଧୁମିଳନ ନାଁରେ ଶକ୍ତି ପ୍ରଦର୍ଶନ

**ଅସ୍ତରଙ୍ଗ,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଅସ୍ତରଙ୍ଗ ତାଳଦା ପଞ୍ଚାୟତ ଡିହକରଡା ଆର୍ତ୍ତତ୍ରାଣ ଗାଦି ପୀଠ ଠାରେ ପଞ୍ଚାୟତ ବାସୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଉଛି । ବନ୍ଧୁମିଳନ ନାଁରେ ଶକ୍ତି ପ୍ରଦର୍ଶନ କଲେ ପ୍ରତାପ ପରିଡ଼ା । ଶ୍ରୀ ପରିଡ଼ାଙ୍କ ପୁଅ ଦୀପକ ପରିଡ଼ା ତାଳଦା ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ତୁଲାଉଥିବା ବେଳେ ରବିବାର ଗେରୁଆ ବ୍ୟାନର ଗେରୁଆ ଗାମୁଛା ସ୍ପଷ୍ଟ କରିଥିଲା ତାଳଦା ପଞ୍ଚାୟତରେ ବିଜେଡ଼ି ସଫା ହେଲା ବୋଲି ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ ଏସି ମୋର୍ଚ୍ଚାର ସଭାପତି ବାଇଧର ମଲ୍ଲିକ୍, ଅସ୍ତରଙ୍ଗ ବ୍ଲକର ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ, ଅଧିକାରୀ ବେହେରା, ସମିତି ସଭ୍ୟ ଅମୀୟ ସେଠୀ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସେନାପତି, ରାଜେନ୍ଦ୍ର ମହାନ୍ତି, ଦିବାକର ସାହୁ, ନିରଞ୍ଜନ ମହାନ୍ତି, ରମାକାନ୍ତ ସେନାପତି, ଅଶୋକ ପଢିହାରୀ, ରଘୁନାଥ ନାୟକ, ରବିନ୍ଦ୍ର ପରିଡ଼ା, ସ୍ୱପ୍ନେଶ୍ୱର ଦାସ, ସୁଧୀର ସ୍ୱାଇଁ, ନରେନ୍ଦ୍ର ସାହାଣୀ, ଅଜୟ ସାହାଣୀ, ରବିନ୍ଦ୍ର ବିଶ୍ୱାଳ, ନାରୀନେତ୍ରୀ ମମତା ପଢିହାରୀ ପ୍ରମୁଖ ଉପସ୍ଥିତ ଥିଲେ । ଡବଲ ଇଞ୍ଜିନ ସରକାର ଡବଲ ବିକାଶ ତାଳଦା ଚାହେଁ ମୋର ରାଜନୀତି କରିବାର ନାହିଁ ତାଳଦା ବାସୀଙ୍କ ଆର୍ଶୀବାଦ ମୋର ଦରକାର ବୋଲି ଅଭିଭାଷଣରେ ଶ୍ରୀଯୁକ୍ତ ପ୍ରତାପ ପରିଡ଼ା କହିଥିଲେ । କେହି ଜଣେ ରାସନ୍ କାର୍ଡରୁ ବଞ୍ଚିତ ହେବେ ନାହିଁ ସମସ୍ତଙ୍କ ମୁଣ୍ଡ ଉପରେ ଛାତ ସୁନିଶ୍ଚିତ କରାଇବୁ ବୋଲି ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ କହିଥିଲେ । ତାଳଦାରୁ ଗଡିବ ବିକାଶର ରଥ କେହି ଜଣେ ସରକାରୀ ଯୋଜାନରୁ ବଞ୍ଚିତ ହେବେ ନାହିଁ ମୁଁ ପ୍ରତିଶ୍ରୁତି ବଦ୍ଧ ବୋଲି ଅଭିଭାଷଣରେ ଏସି ମୋର୍ଚ୍ଚାର ସଭାପତି ବାଇଧର ମଲ୍ଲିକ୍ କହିଥିଲେ । ତାଳଦା ପଞ୍ଚାୟତର ଶତାଧିକ ବାସିନ୍ଦା ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସଦସ୍ୟତା ଗ୍ରହଣ କରିଥିଲେ । ଏ ସମ୍ପର୍କରେ ତାଳଦା ପଞ୍ଚାୟତର ବିଜେଡି ସଭାପତି ବିଜୟ ପଢିହାରୀ କହିଛନ୍ତି କେହି ସଫା ହୋଇନାହାନ୍ତି ସେମାନେ ଆସିଥିଲେ ଗଲେ ଭାରି ସମୟ ଆସିଲେ କିଏ ସଫା ହେବ ତାଳଦା ବାସୀ ଦେଖେଇବେ ।

## ଶିଶୁ ପୁସ୍ତକ 'କବିତାମାଳା' ଓ 'ଗେହ୍ଲୀପାଇଁ ନାନାବାୟା'

**ସାକ୍ଷୀଗୋପାଳ,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସର୍ବବୃହତ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ -୨୦୨୫ ଅବସରରେ ୭ମ ରାଜ୍ୟ ପୁସ୍ତକ ମେଳାର ଉଦଯାପନୀ ସମାରୋହରେ, ମୋର ଦୁଇଟି ଶିଶୁ ପୁସ୍ତକ ସଂକଳନ 'କବିତାମାଳା' ଓ 'ଗେହ୍ଲୀପାଇଁ ନାନାବାୟା' ଉନ୍ମୋଚିତ ହୋଇଯାଇଛି । ସମ୍ମାନିତ ଅତିଥି ଭାବରେ ଓଡ଼ିଶାର ବାଚ୍‌ସ୍ପତି ସୁରମା ପାଢ଼ୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଶାସନ ସଚିବ ବିଜୟକେତନ ଉପାଧ୍ୟାୟ (ଭା.ପ୍ର.ସେ), ଅତିରିକ୍ତ ଶାସନ ସଚିବ ଦେବପ୍ରସାଦ ଦାଶ (ଭା.ପ୍ର.ସେ), ଓଡିଶା ସାହିତ୍ୟ ଏକାଡେମୀର ସଚିବ ତଥା ବିଶିଷ୍ଟ ସାହିତ୍ୟିକ ଡ.ଚ୍ନଦ୍ରଶେଖର ହୋତା ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରଖ୍ୟାତ ସାହିତ୍ୟିକା ଯଶୋଧାରା ମିଶ୍ରଙ୍କ କରକମଳରେ ଲୋକାର୍ପିତ ପରିସର ଆହା କି ଦିବ୍ୟ ।

## ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ

**କେନ୍ଦ୍ରାପଡ଼ା,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଇଛାପୁର ହାଇସ୍କୁଲରେ ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କୁନି କୁନି ବୈଜ୍ଞାନିକଙ୍କ ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ପାଇଁ ଏଭଳି ପ୍ରଦର୍ଶନୀ ଏକ ସୁଯୋଗ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ଯୋଗଦେଇ ଏହି ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୩୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାରୁ ଏହା ପିଲାମାନଙ୍କ ପାଇଁ ଆଗକୁ ଅଗ୍ରସର ହେବାର ଏକ ଲକ୍ଷଣ ବୋଲି ମତବ୍ୟକ୍ତ କରିଥିଲେ । ଦିନକୁ ଦିନ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରସ ବଢୁଥିବା ଏହା ଦ୍ୱାରା ପ୍ରମାଣିତ ହୋଇଛି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ସହମଣ୍ଡଳ ଶିକ୍ଷାଧିକାରୀ ବଳଦେବ ପ୍ରସାଦ ଜେନା, କାଉନସିଲର କାଳୀ ପ୍ରସାଦ ମିଶ୍ର, ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ତରାଇ, ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶ,ଏନପିଏସ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ନାଥ ମିଶ୍ର, ଘରୋଇ ବିଦ୍ୟାଳୟ ସଂଘ ସଭାପତି ନିରଞ୍ଜନ ବେହେରା, ଏୟୁପିଟିଏଫ ସଭାପତି କମଳାକାନ୍ତ ସ୍ୱାଇଁ, ପିଷ୍ଟା ସଭାପତି ବିଭୁପ୍ରସାଦ ନାୟକ, ଲେବୁଲ ଭି ସଭାପତି ଦୁଃଶାସନ ରାଉତ, ଶିକ୍ଷକ ନେତା ମାନଭଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସିଆରସିସି ଅନନ୍ତ କୁମାର ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ନୋଡାଲ ସିଆରସିସି କିଶୋର ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ପ୍ରଭାତରଞ୍ଜନ ଲେଙ୍କା, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସଲିମ ଖାନ, ବିଜ୍ଞାନ ସଂଯୋଜକ ସିଦ୍ଧାର୍ଥ ଶଙ୍କର ଜେନା, ବିଆରସିସି ବଳଦେବ ପ୍ରସାଦ ଜେନା, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ଶିବାଶିଷ ପତି, ପୌରସଦସ୍ୟା ପୁଷ୍ପଲତା ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶ ପ୍ରମୁଖ ଯୋଗଦେଇଥିଲେ । ସିଆରସିସି ସେକ ମହମ୍ମଦ ଫାୟାଜୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଭାତୀ ନାୟକ ଶ୍ରୀଜଗନ୍ନାଥ ଅଷ୍ଟକମ ପାଠ କରିଥିବା ବେଳେ କଳପଡା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ଉଦଯାପନୀ ସଂଗୀତ ଗାନ କରାଯାଇଥିଲା । ଏଥିରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରକଳ୍ପ ଗୁଡିକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ।

## ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ

**ଆଳି,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଅଣତିରିଶ ତମ ଶିଶୁ ଉତ୍ସବକୁ ଶନିବାର ପୂର୍ବାହ୍ନରେ ଉଦଘାଟନ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି । ଆଳି ବ୍ଲକ ଅନ୍ତର୍ଗତ ନିଆଳ ଗ୍ରାମ ପଞ୍ଚାୟତର ସହଦେ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ସମ୍ମାନିତ ଅତିଥିଭାବେ ଓଷ୍ଟାର ପ୍ରାକ୍ତନ ଜିଲ୍ଲା ସଭାପତି ବିଜୟ କୁମାର ଦାଶ, ରାଜ୍ୟ ସମ୍ପାଦକ ନିର୍ମଳ କୁମାର ଜେନା, ରାଜ୍ୟ କାଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ପ୍ରଣବ କୁମାର ଜେନା ଓ ବିଶିଷ୍ଟ ଅତିଥି ଭାରେ ଭୁବନେଶ୍ୱର ଅଚ୍ୟୁତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ ଡକ୍ଟର ସୁରେଶ ଚନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇ କହିଥିଲେ ଯେ ଗତ ୨୮ ବର୍ଷ ଧରି ଏହି ସଂଗଠନ ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଲୁକାୟିତ ପ୍ରତିଭା ଖୋଜି ଚାଲିଛି ଏବଂ ଏହି ପ୍ରତିଭାମାନଙ୍କ ମଧ୍ୟରୁ ଅନେକ ଏବେ ସେଲିବ୍ରିଟ ହୋଇସାରିଛନ୍ତି । ତାହା କେବଳ ସମ୍ଭବ ହୋଇଛି ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ ଯୋଗୁଁ।ବିଦ୍ୟାଳୟର ଶେଷ ବେଞ୍ଚରେ ବସୁଥିବା ପିଲାମାନଙ୍କୁ ଆମେ ହେୟ ମନେକରିବା ଉଚିତ ନୁହେଁ କାରଣ ସେହିମାନଙ୍କ ମଧ୍ୟରୁ ଅନେକ ସମାଜରେ ଉଚ୍ଚ ପାଦପଦବୀରେ ଅବସ୍ଥାପିତ ହୁଅନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ନଅଟି ବ୍ଲକରୁ ଆସିଥିବା ପ୍ରତିଯୋଗୀ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ଶିକ୍ଷା ମଣ୍ଡଳ ଅଧିକାରୀ ସଂଜୀବ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଇଞ୍ଜିନିଅର ନୀଳାଦ୍ରିଭୂଷଣ ମହାପାତ୍ର, ଆଳି ବ୍ଲକ ଓଷ୍ଟାର ସଭାପତି ସୁଶାନ୍ତ କୁମାର କର, ସମ୍ପାଦକ ଦେବରାଜ ନାୟକ, ପ୍ରାକ୍ତନ ଜିଲ୍ଲା ସଭାପତି ପ୍ରମୋଦ କୁମାର ବେହେରା, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ନିର୍ମଳ କୁମାର ନାୟକ, ପ୍ରାକ୍ତନ ରାଜ୍ୟ ସମ୍ପାଦକ ତ୍ରଲୈକ ଚରଣ ସ୍ୱାଇଁ, ତପନ କୁମାର ସିହ, ଶିକ୍ଷା ପ୍ରଦୀପର ପ୍ରାକ୍ତନ ସମ୍ପାଦକ କାଳୀ ପ୍ରସାଦ ନାୟକ, ପ୍ରଭାସ କୁମାର ଧଳ ପ୍ରମୁଖ ଯେଗଦେଇ ପିଲାମାନଙ୍କୁ ପରାମର୍ଶ ଦେବା ସହିତ ପୁରସ୍କାର ବିତରଣ କରିଥିଲେ । ଉଦଘାଟନ ଓ ଉଦଯାପନୀରେ ଜିଲ୍ଲା ସଭାପତି ଅଶେଷ କୁମାର ପରିଡା ଅଧକ୍ଷତା କରିଥିଲେ । ଜିଲ୍ଲା ସମ୍ପାଦକ ଭଗବାନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରାଯାଇଛି ।

# ଆଇଟିଇଆରରେ ଆଇସିଆର୍‌ଏଏମ୍‌ଇଆର୍‌ଡି ଆୟୋଜିତ




**ଭୁବନେଶ୍ୱର,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ଡିସେମ୍ବର ୧୯ ଓ ୨୦ ଦୁଇ ଦିନ ଧରି ୬ଷ୍ଠ ଇନ୍‌ଟରନ୍ୟାସନ୍‌ନାଲ୍ କନ୍‌ଫରେନ୍ସ ଅନ୍ ରିସେଣ୍ଟ ଆଡ୍‌ଭାନ୍‌ସେସ୍ ଇନ୍ ମେକାନିକାଲ ଇନିୟରିଂ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ ୨୦୨୫ (ଆଇସିଆର୍‌ଏଏମ୍‌ଇଆରଡି) ଆୟୋଜିତ ହୋଇଯାଇଛି ।

ହାଇବ୍ରିଡ ମୋଡରେ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ସାରା ବିଶ୍ୱରୁ ଗବେଷଣା ଏବଂ ଶିକ୍ଷା କ୍ଷେତ୍ରର ବ୍ୟକ୍ତି ବିଶେଷ ଭାଗ ନେଇଥିଲେ ।

ଆଇଟିଇଆରର ମେକାନିକାଲ୍ ଇନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ସରୋଜ କୁମାର ଆଚାର୍ଯ୍ୟଙ୍କ ଉଦ୍ୟମରେ ୨୦୨୦ରୁ ଆୟୋଜନ କରାଯାଉଥିବା ବେଳେ ଏହାକୁ ଏକ ସମ୍ମାନଜନକ ବାର୍ଷିକ ଶୈକ୍ଷିକ କାର୍ଯ୍ୟକ୍ରମ ଭାବେ ବିବେଚନା କରାଯାଏ । ଏହି ସମ୍ମିଳନୀରେ ସ୍କୋପସ୍-ଇଣ୍ଡେକ୍ସରେ ପ୍ରକାଶିତ ଉନ୍ନତମାନର ଗବେଷଣା ସନ୍ଦର୍ଭ ଗ୍ରହଣ କରାଯାଇଥାଏ ।

ଗବେଷକ, ବୈଜ୍ଞାନିକ, ଶିକ୍ଷାବିତ୍, ସ୍କଲାର ଏବଂ ଶିଳ୍ପ କ୍ଷେତ୍ରର ବ୍ୟକ୍ତି ବିଶେଷମାନଙ୍କୁ ଏକ ଆନ୍ତର୍ଜାତିକ ପ୍ଲାଟଫର୍ମ ଯୋଗାଇ ଦେବା ହିଁ ଆଇସିଆର୍‌ଏଏମ୍‌ଇଆରଡି -୨୦୨୫ର ମୁଖ୍ୟ ଉଦ୍ଦେଶ୍ୟ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୟୁନିଭର୍ସିଟି ଅଫ୍ ବୋସ୍ୱାନାର ମେକାନିକାଲ୍ ଇନିୟରିଂ ବିଭାଗର ପ୍ରଫେସର ଭି.ପି. କୋମୁଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଣ୍ଡିଆନ୍ ମେଟାଲସ୍ ଆଣ୍ଡ ଫେରୋ ଆଲୟ (ଇନ୍‌ଫା) ଲିମିଟେଡର ଡେପୁଟି ଜେନେରାଲ ମ୍ୟାନେଜର (ମେକାନିକାଲ) ସୟଙ୍ଗ ଭୁବ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମେକାନିକାଲ୍ ଇନିୟରିଂ ସମ୍ପର୍କରେ ବିଭାଗୀୟ ମୁଖ୍ୟ ପ୍ରଫେସର ସରୋଜ କୁମାର ଆଚାର୍ଯ୍ୟ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ସେହିପରି ଆଇସିଆର୍‌ଏଏମ୍‌ଇଆରଡି ୨୦୨୫ର ଆବାହକ ପ୍ରଫେସର ଏସ୍‌ଏନ୍ ଦାସ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ଆଇଟିଇଆର ପ୍ରଫେସର ରେଣୁ ଶର୍ମା ବକ୍ତବ୍ୟ ରଖିଥିବା ବେଳେ କାର୍ଯ୍ୟକ୍ରମର ସହ ଆବାହକ ଡକ୍ଟର ଅନୁପମା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଏକାଡେମିକ୍ସ) ପ୍ରଫେସର ଡିଏନ୍ ଥାଟୋଇଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ଏହି ସମ୍ମିଳନୀରେ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରୁ ପ୍ରାୟ ୧୮୦ଟି ଗବେଷଣା ସନ୍ଦର୍ଭ ଗ୍ରହଣ କରାଯାଇଥିଲା ।

ସମ୍ମିଳନୀରେ ୟୁକେ ସ୍ଥିତ ୟୁନିଭର୍ସିଟି ଅଫ୍ ଗ୍ଲାସ୍‌ଗୋର ରିଡର ଏବଂ ସିନିୟର ଆଡଭାଇଜର ଡକ୍ଟର ମାନିଲୋ ଟାସିଏରି, ୟୁଏସଏ ବୋଷ୍ଟନ ସ୍ଥିତ କ୍ୟାପିଟାଲ୍ ୱାନ୍‌ର ସିନିୟର ଇନିୟରିଂ ମ୍ୟାନେଜର ଶ୍ରୀ ବିମଳ ମହାନ୍ତି, ପାପୁଆ ନ୍ୟୁଗିନି ୟୁନିଭର୍ସିଟି ଅଫ୍ ଟେକ୍ନୋଲଜିର ଆସୋସିଏଟ୍ ପ୍ରଫେସର କମଳାକାନ୍ତ ମୁଦୁଲି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟର ଡିନ୍ ପ୍ରଫେସର ଜେ.କେ ନାଥ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କୃତି ପ୍ରତିଯୋଗୀମାନଙ୍କ ପୁରସ୍କାର ପ୍ରଦାନ କରାଯାଇଥିଲା । ଡକ୍ଟର ରଶ୍ମି ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତାରେ ନର୍ଦ୍ଦମା ପାଣି, ପ୍ରତିକାର ଦାବି



**ବୁଗୁଡ଼ା,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଏଠାକାର ପ୍ରସିଦ୍ଧ ଐତିହାସିକ ତଥା ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲ ଅଭିମୁଖେ ଲମ୍ବିଥିବା ସଡ଼କର ପାର୍ଶ୍ୱରେ ନିର୍ମିତ ଡ୍ରେନ ସୂର୍ଣ୍ଣ ପୋତି ହୋଇ ନର୍ଦ୍ଦମାର ମଇଳା ଜଳ ଓ ବର୍ଜ୍ୟବସ୍ତୁ ରାସ୍ତା ସାରା ପଡ଼ି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ସମ୍ପ୍ରତି ପର୍ଯ୍ୟଟନ ଋତୁ ଥିବାରୁ ଅନେକ ଯାନବାହାନ ବୁଦ୍ଧଖୋଲକୁ ଯାତାୟତ ହେଉଛି । ପୂତିଗନ୍ଧମୟ ପରିବେଶ ଯୋଗୁଁ ଲୋକଙ୍କ ମନରେ ଅଲଗା ପ୍ରକାର ଧାରଣା ସୃଷ୍ଟି ହେଉଛି । ରାସ୍ତାରେ ଭାସୁଥିବା ଦୁର୍ଗନ୍ଧ ପାଣିକୁ ବାଦଦେଇ ଲୋକେ ଯାତାୟତ କରୁଥିବାରୁ ସେହି ସଂକୀର୍ଣ୍ଣ ରାସ୍ତାରେ ଛୋଟମୋଟ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଛି । ଏଭଳି ଅବ୍ୟବସ୍ଥା ଏନ୍‌ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି । ଖାରିଆ ନାଳ ଏବଂ ଶିଶୁ ଉଦ୍ୟାନ ଅତିକ୍ରମ ପରେ ବୁଗୁଡା ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ୬ ଅନ୍ତର୍ଗତ ବୀରଧନଞ୍ଜୟପୁର ଶାସନ ରାସ୍ତାରେ ଏ ପ୍ରକାର ଦୃଶ୍ୟ ପର୍ଯଟକଙ୍କୁ ଭଲ ବାର୍ତ୍ତା ଦେଉନଥିବା ନେଇ ସାଧାରଣରେ ଆଲୋଚ୍‌ନା ହେଉଛି । ଏଣୁ ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଜାଭିୟର ସ୍କୁଲର ବାର୍ଷିକ କ୍ରୀଡା

**ମାର୍ଶାଘାଇ,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ସ୍ଥିତ ସେଣ୍ଟ ଜାଭିୟର ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନେ ପ୍ରତିଯୋଗୀ ଭାଗନେଇ କ୍ରୀଡା ନୈପୁର୍ଣ୍ଣ୍ୟ ପ୍ରଦର୍ଶିତ କରିଥିଲେ । ଏହି କ୍ରୀଡାରେ ବିଦ୍ୟାଳୟର ଅଧକ୍ଷ ପିଏମ ରାଜେଶ ଚୌଧୁରୀ ଓ ପ୍ରତିଷ୍ଠାତା ପ୍ରମୋଦ ଚୌଧୁରୀ ଉପସ୍ଥିତ ରହି ଉଦଘାଟନ କରିଥିବା ବେଳେ ଶେଷ ଦିବସରେ ମୁଖ୍ୟଅତିଥି ଭାବେ ଧନିଆପଡା ନୋଡାଲ ସ୍କୁଲର ପ୍ରାକ୍ତନ ଶାରିରୀକ ଶିକ୍ଷକ ବିପିନ ବିହାରୀ ଚୌଧୁରୀ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । କ୍ରୀଡା କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ ।

# ବିଦ୍ୟୁତ୍ ଉପଭୋକ୍ତା ସଂଘ ଗଠିତ

**ମାହାଙ୍ଗା,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ମାହାଙ୍ଗା ବ୍ଲକ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ କୁଆଁପାଳସ୍ଥିତ ବଣ୍ଡୁଆ ମହାପୁରୁଷ ପୀଠ ସ୍ଥଳୀରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ଡିଭିଜନ ଉପଭୋକ୍ତା ସଂଘ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସାଲେପୁର ଡିଭିଜନ ବିଦ୍ୟୁତ୍ ଉପଭେକ୍ତା ସଂଘ ସଭାପତି ନନ୍ଦ କିଶୋର ଭୂୟାଁ, ସଂଘ ଉପସଭାପତି ରମାକାନ୍ତ ବେହେରା, ସଂପାଦକ ଗଗନ ବିହାରୀ ମିଶ୍ର, ଉପଦେଷ୍ଟା ବିଶ୍ୱଜିତ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ବିଦ୍ୟୁତ୍ ବିତରଣ ଟାଟା କଂପାନୀର ଜୁଲମ ସଂପର୍କରେ ଆଲୋଚନା କରିବା ସହ ମାହାଙ୍ଗାରେ ବିଦ୍ୟୁତ୍ ଉପଭୋକ୍ତାମାନେ ବିଭିନ୍ନ ପ୍ରକାର ଅସୁବିଧାର ତୁରନ୍ତ ସମାଧାନ କରାଯିବା ଏହି ସଂଘର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଏହି ଅବସରରେ ସର୍ବସମ୍ମତି କ୍ରମେ ମାହାଙ୍ଗା ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଉପଭୋକ୍ତା ସଂଘର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପସଭାପତି ଭାବେ ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ସାଧାରଣ ସଂପାଦକ ଭାବେ ବିଜୟ କୁମାର ରାଉତ, ସହ ସଂପାଦକ ଭାବେ ଅଲେଖ ପ୍ରସାଦ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ଜଗଜୀବନ ବେହୁରା ପ୍ରମୁଖ ମନୋନୀତ ହୋଇଛନ୍ତି । ସେହିପରି ମାହାଙ୍ଗା ସେକ୍ସନ ସଭାପତି ଭାବେ ରୁଷି କୁମାର ରାଉତ, ସାଧାରଣ ସଂପାଦକ ଭାବେ ଚୈତନ୍ୟ ଚରଣ ପାଣି, ଉପସଭାପତି ଭାବେ କୈଳାସ ଚନ୍ଦ୍ର ଆଚାର୍ଯ୍ୟ, ସହ ସଂପାଦକ ଭାବେ ପ୍ରଫୁଲ୍ଲ କୁମାର ପରିଡା, କୋଷାଧ୍ୟକ୍ଷ ଭାବେ ଅବଦୁଲ ହମିଦ ଏବଂ ଏରକଣା ସେକ୍ସନର ସଭାପତି ଭାବେ ରାମଚନ୍ଦ୍ର ସ୍ୱାଇଁ, ଉପସଭାପତି ଭାବେ ପ୍ରଫୁଲ୍ଲ କୁମାର ସ୍ୱାଇଁ, ସାଧାରଣ ସଂପାଦକ ଭାବେ ପ୍ରକାଶ ଚନ୍ଦ୍ର ପ୍ରଧାନ, ସହ ସଂପାଦକ ଭାବେ ଅକ୍ଷୟ କୁମାର ଖଟୁଆ, କୋଷାଧ୍ୟକ୍ଷ ଭାବେ ଜ୍ଞାନେନ୍ଦ୍ର ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି । ସେହିପରି କୋଠପଦା ସେକ୍ସନର କର୍ମକର୍ତ୍ତା ନିମନ୍ତେ ଆସନ୍ତା ୨୨ ତାରିଖ କୋଠପଦା ଠାରେ ଏବଂ ସଂଘ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟର ବହୁ ଉପଭୋକ୍ତା ଓ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା କୃଷକ ବିକାଶ ମଞ୍ଚର କାର୍ଯ୍ୟକାରିଣୀ

**ଯାଜପୁର,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ପୂର୍ବାହ୍ନ ୧୦ ଘଟିକା ସମୟରେ ଯାଜପୁର ସହରସ୍ଥିତ ଉତ୍କଳ ମଣ୍ଡପରେ ଓଡ଼ିଶା କୃଷକ ବିକାଶ ମଞ୍ଚ, ଯାଜପୁର ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକ୍ କମିଟି କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ଶତାଧିକ କୃଷକ ଯୋଗଦାନ କରିଥିଲେ । ରାଜ୍ୟ ସରକାର ଧାନମଣ୍ଡିଗୁଡ଼ିକରେ ମିଲର ଓ ଦଲାଲଙ୍କ ଦ୍ୱାରା କୃଷକମାନଙ୍କୁ ଶୋଷଣର ସମସ୍ୟା ନେଇ ଆଲୋକପାତ କରିଥିଲେ । (୧) କ୍ରମେ ଜିଲ୍ଲା, ବ୍ଲକ୍ ଓ ସମବାୟ ସଂସ୍ଥାଗୁଡ଼ିକରେ ଉନ୍ନତ ଧାନକ୍ରୟ କମିଟି ତୁରନ୍ତ ଗଠନ କରି ଚାଷୀଙ୍କ ଉତ୍ପାଦନକୁ ସୂଚାରୁରୂପେ କ୍ରୟ କରିବାର ସମସ୍ୟାର ସମାଧାନ କରନ୍ତୁ । ମିଲରଙ୍କ ଶତକଡ଼ା ୫ କେଜି କଟନି ବିରୁଦ୍ଧରେ ରାଜ୍ୟ ସରକାର ଚାଷୀଙ୍କ ଧାନଚୋରୀର ଅପରାଧୀଙ୍କ ବିରୁଦ୍ଧରେ ସମସ୍ତ ଥାନାରରେ ମାମଲା ରୁଜୁ କରନ୍ତୁ । ସମବାୟ ସଂସ୍ଥାଗୁଡ଼ିକରୁ ଅସାମାଜିକ ଦଲାଲ ମୁକ୍ତ କରାଯାଉ । ମିଲରମାନେ ଅଖା ଟଙ୍କା ସରକାରଙ୍କଠାରୁ ଆଣି ଚାଷୀମାନଙ୍କୁ ନଦେଇ ଟଙ୍କା ହଡ଼ପ କରିଅଛନ୍ତି । ଏଥିପାଇଁ ଯାଜପୁର ଜିଲ୍ଲାର ସମସ୍ତ ମିଲରଙ୍କ ବିରୁଦ୍ଧରେ ଫୌଜଦାରୀ ମୋକଦ୍ଦମା ରୁଜୁ କରାଯାଉ । (୨) ରାଜ୍ୟର ସର୍ବପୁରାତନ ଚାଷୀଭିତ୍ତିକ ହାଟ ବିରଜା ହାଟ ଅଟେ । ବିରଜା ହାଟର ଏ୩.୧୪ଡି ଜମି ତୁରନ୍ତ ମାପକରି ସରକାର ହାଟ ପାଇଁ ଜାଗା ପ୍ରଶସ୍ତ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି । (୩) ବ୍ରାହ୍ମଣୀ ନଦୀର ଉତ୍ତରପଟେ ନଦୀବନ୍ଧର ପ୍ରଶସ୍ତିକରଣ ଓ ସୁଦୃଢ଼ିକରଣ ପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପାଇଁ ସରକାର ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ । ଉକ୍ତ ବୈଠକରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚାର ଉପ-ସଭାପତି ସଂଗ୍ରାମ କେଶରୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନଙ୍କ ପାଖରେ ଉପସ୍ଥାପନା କରିବାପାଇଁ ଆଶ୍ୱାସନା ଦେଇଥିଲେ । ଉକ୍ତ ବୈଠକକୁ କାର୍ଯ୍ୟକାରୀ ସଭାପତି ସେକ୍ କମିରୁଦ୍ଦିନ, ସାଧାରଣ ସମ୍ପାଦକ ରବିନ୍ଦ୍ର ଜେନା, ପ୍ରଶାନ୍ତ ବେହୁରିଆ, ସନାତନ ସାହୁ, ସ୍ମିତା ସାମଲ, ସେକ୍ ମନିରୁଦ୍ଦିନ, ବିଜୟ ପାଣି, ପ୍ରଦୀପ ଜେନା, ସ୍ନେହାଶିଷ ବସୁ, ସୂର୍ଯ୍ୟମଣି ଦାସ, ବିଜୟ ସାମଲ, ରବିନ୍ଦ୍ର ଧଳ, ପଦ୍ମନ କର, ଜୟରାମ ନାଏକ, ପ୍ରଶାନ୍ତ ପଡ଼ିଆରୀ ପ୍ରମୁଖ ଯୋଗଦେଇଥିଲେ । ଏଣୁ ଖୁବ୍ ଶୀଘ୍ର ଧାନମଣ୍ଡି ଓ ଅନ୍ୟାନ୍ୟ ସମସ୍ୟା ନେଇ ରାଜ୍ୟର ବିଭାଗୀୟ ମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିବାକୁ ନିଷ୍ପତ୍ତି ଗୃହୀତ ହେଲା ।

## ସେଣ୍ଟ ଯୋସେଫ ସ୍କୁଲର ବାର୍ଷିକୋତ୍ସବ

**କେନ୍ଦ୍ରାପଡା,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡାସ୍ଥିତ ସେଣ୍ଟ ଯୋସେଫ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସ୍କୁଲ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଅଧକ୍ଷ ରେଭରେଣ୍ଡ ଫାଦର ନବକିଶୋର ଦିଗାଲ, ପ୍ରଶାସକ ରେଭରେଣ୍ଡ ଫାଦର ରମେଶ ବଳିଆର ସିଂହ, ଟ୍ରେଜରର ସିଷ୍ଟର ନାନ୍‌ସି, ସିଷ୍ଟର ଅନିତା, ସିଷ୍ଟର ବନ୍ଦନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଆନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ କଟକ-ଭୁବନେଶ୍ୱର ଆର୍ଚ୍ଚ ବିଶପ ତଥା ସେଣ୍ଟ ଯୋସେଫ ସ୍କୁଲର ଚେୟାରମ୍ୟାନ ରେଭରେଣ୍ଡ ଫାଦର ଜନ୍ ବରୁଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାର ଗର୍ଭକ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ରେଭରେଣ୍ଡ ଫାଦର ଦିବ୍ୟ ସିଂହ ପରିଚ୍ଛା ଯୋଗ ଦେଇଥିଲେ । ଏକ୍ସ୍ୟୁକେଟିଭ ଅଫିସର ତଥା ଆର୍ଚ୍ଚ ଡାଇସେସିଆନ୍ ସ୍କୁଲ ଟ୍ରେଜରର ରେଭରେଣ୍ଡ ଫାଦର ମୃତ୍ୟୁଞ୍ଜୟ ଦିଗାଲ୍, ଆର୍ଚ୍ଚ ଡାଇୟୋସିସ୍‌ର ଆର୍ଚ୍ଚ ବିଶପଙ୍କ ସେକ୍ରେଟେରି ଫାଦର ରେଭରେଣ୍ଡ ମୋହନ ଦାସ ଦିଗାଲ ଉପସ୍ଥିତ ଥିଲେ । ସଙ୍ଗୀତ ଓ ବାଦ୍ୟର ତାଳେ ତାଳେ ଛାତ୍ରଛାତ୍ରୀମାନେ ନିଜ ନିଜର କଳା ଚାତୁରି ପ୍ରଦର୍ଶନ କରି ଅତିଥି ତଥା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ । ବିଦ୍ୟାଳୟ ଅଧକ୍ଷଙ୍କ ବାର୍ଷିକ ବିବରଣୀ ପାଠ କରାଯାଇଥିଲା । ଚଳିତ ବର୍ଷ ପାଇଁ ବିଦ୍ୟାଳୟର ବେଷ୍ଟ ଯୋସେଫାଇଟ୍ ଛାତ୍ର ତଥା ଛାତ୍ରୀ ଦୁଇଜଣଙ୍କୁ ମନୋନିତ କରାଯାଇ କୃତୀଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଆଇସିଏସଇ ପରୀକ୍ଷାର ସର୍ବଶ୍ରେଷ୍ଠ କୃତୀଛାତ୍ରୀଙ୍କୁ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଥିଲା । ୯୦ପ୍ରତିଶତ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଥିଲା । ଶେଷରେ ସମୂହ ଜାତୀୟ ସଂଗୀତ ଗାନ ପରେ ଚଳିତ ବର୍ଷର ଉତ୍ସବ ସଂପନ୍ନ ହୋଇଥିଲା ।

# ଏସ୍‌ଆଇଆର୍ ସମ୍ପର୍କରେ ଜିଲ୍ଲା ବିଜେପିର କର୍ମଶାଳା

**କଟକ,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**




ନିର୍ବାଚ଼ନ ସଂସ୍କାର ପାଇଁ ହେବାକୁଥିବା ସ୍ୱତନ୍ତ ଭୋଟର ତାଲିକା ସଂଶୋଧର ସମ୍ବନ୍ଧରେ କଟକ ଜିଲ୍ଲା ବିଜେପି ପକ୍ଷରୁ ଏକ ଆଲୋଚ଼ନା ଚ଼କ୍ର ସର୍କିଟ୍ ହାଉସ୍ ଠାରେ ଆୟୋଜିତ ହୋଇଯାଇଛି । କର୍ମଶାଳାରେ ନବନିର୍ବାଚ଼ିତ କଟକ ଜିଲ୍ଲା ପ୍ରଭାରୀ ଇଂ.ଜ୍ଞାନଦେବ ବେଉରା ଏବଂ ରାଜ୍ୟ କୃଷକ ମୋର୍ଚ୍ଚାର ନୂତନ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚ଼ନ ମଣ୍ଡଳୀର ୩୭ମଣ୍ଡଳର ସଭାପତି ତଥା ଜିଲ୍ଲାର ପ୍ରମୁଖ କର୍ମୀଙ୍କୁ ନେଇ ଏସ୍‌ଆଇଆର ସମ୍ବନ୍ଧରେ ଆଲୋଚ଼ନା କରାଯାଇଥିଲା । ଭୋଟର ତାଲିକାରେ ନୂତନ ଭୋଟର ଯୋଡ଼ିବା, ଜାଲ୍ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ସହ ଅନୁପ୍ରବେଶକାରୀଙ୍କୁ ଚ଼ିହ୍ନଟ କରି ଦେଶାନ୍ତର କରିବା ଏସ୍‌ଆଇଆର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲାର ନୂତନ ପ୍ରଭାରୀ ଇଂ. ଜ୍ଞାନଦେବ ବେଉରା ସୂଚ଼ନା ଦେଇଥିଲେ । ମଣ୍ଡଳ ସଭାପତିମାନେ ଏସ୍‌ଆଇଆର୍‌ରେ ସମ୍ବନ୍ଧୀୟ ବିଷୟକୁ ବୁଥ୍‌ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବେ ବୋଲି ସଭାପତି ସୁକାନ୍ତ ବିଶ୍ୱାଳ ସୂଚ଼ନା ଦେଇଛନ୍ତି । କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, କଟକ ଗ୍ରାମୀଣ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ଲଲାଟେନ୍ଦୁ ବଡୁ, ତୁଷାରକାନ୍ତି ଚ଼କ୍ରବର୍ତ୍ତୀ ସହିତ ଜିଲ୍ଲାର ପ୍ରମୁଖ କର୍ମୀମାନେ ଉପସ୍ଥିତ ଥିଲେ ।

# ପ୍ରାଣୀ ସମ୍ପଦ ବିକାଶ ବିଭାଗର କାର୍ଯ୍ୟ ସମୀକ୍ଷା



**ନୂଆପଡା,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ କେ ପାର୍ଥ ସାରଥୀ ଡୋରା ବିଭାଗର କାର୍ଯ୍ୟ ଓ ପ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାର ସଫଳ ପ୍ରାଣୀ ସମ୍ପଦ ଚାଷୀମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ସିନାପାଲି ବ୍ଲକ, ନିଲଜି ଗ୍ରାମର ଗରିବ ସା ଉନ୍ନତ ମହିଷ ପାଳନ ସହ ଗୋବର ଖତ ବିକ୍ରୟ କରି ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି । ସେ କ୍ଷିର ବିକ୍ରିରୁ ମାସିକ ୪୫ ହଜାର ଟଙ୍କା ରୋଜଗାର କରିବା ସହ ଗୋବର ବିକ୍ରିରୁ ବାର୍ଷିକ ୧ ଲକ୍ଷ ଟଙ୍କା ଉପାର୍ଜନ କରୁଛନ୍ତି । ବୋଡ଼େନ ବ୍ଲକ୍‌ର ଡମଝର ଗ୍ରାମର ଚ଼ାଷୀ ସୁଶୀଳ ହରିଜନ ୨୦୦୦ କୁକୁଡ଼ା ପାଳନ କରି ମାସିକ ୫୦ ହଜାର ଟଙ୍କାରୁ ଅଧିକ ଆୟ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି । କୋମନା ବ୍ଲକ୍‌ର କୁମରମଣି ରଣା ୫୦୦ କୁକୁଡ଼ା ପାଳନରୁ ଆରମ୍ଭ କରି ଏବେ ୫୦୦୦ କୁକୁଡ଼ା ଫାର୍ମର ମାଲିକ ହୋଇ ପାରିଛନ୍ତି । ଏଥିରୁ ସେ ପ୍ରତି ପର୍ଯ୍ୟାୟରେ ପ୍ରାୟ ଏକ ଲକ୍ଷ ଟଙ୍କା ରୋଜଗାର କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଖଡ଼ିଆଳ ବ୍ଲକ ମହାରା ଗ୍ରାମର ନନ୍ଦ ଲାଲ୍ ନାଗ କେବେ ଦିନେ ପେଟ ପାଟଣା ପାଇଁ ଦାଦନ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ କାମ କରିବା ପାଇଁ ଯାଉଥିଲେ । ସେ ରାଜ୍ୟ ସରକାରଙ୍କ ୨୦୦୦ କୁକୁଡ଼ା ପାଳନ ଯୋଜନାର ଲାଭ ଉଠାଇ ମାସିକ ୪୦ ହଜାର ଟଙ୍କା ଆୟ କରି ପାରୁଛନ୍ତି । ସେ ଏବେ ୪୦୦୦ କୁକୁଡ଼ା ଫାର୍ମର ମାଲିକ ହୋଇ ସମାଜରେ ପ୍ରତିଷ୍ଠା ଲାଭ କରି ପାରିଛନ୍ତି । ସେହିପରି ନୂଆପଡା ବ୍ଲକ୍ ବିଶୋରା ଗ୍ରାମର ନରୋତ୍ତମ ମାଝି ୨୦୦୦ କୁକୁଡ଼ା ଫାର୍ମରୁ ମାସିକ ୨୦୦୦୦ ଟଙ୍କା ଆୟ କରୁଛନ୍ତି । ଏହି ସମସ୍ତ ଚ଼ାଷୀ ସମାଜର ସାଧାରଣ ସ୍ତରରୁ ଆସି ପ୍ରାଣୀ ସମ୍ପଦ ବିଭାଗର ସହାୟତା ଓ ନିଜର କଠିନ ପରିଶ୍ରମ ବଳରେ ଜଣେ ଜଣେ ସଫଳ ଚ଼ାଷୀ ହୋଇ ନିଜ ପରିବାର ପ୍ରତିପୋଷଣ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ କର୍ମ ସଂସ୍ଥାନର ସୁଯୋଗ ପ୍ରଦାନ କରି ପାରୁଛନ୍ତି । ଏମାନଙ୍କୁ ସମ୍ବର୍ଦ୍ଧିତ କରି ଜିଲ୍ଲାପାଳ କହିଲେ ଯେ ଏହାଦ୍ୱାରା ଜିଲ୍ଲାର ଅନ୍ୟ ଚ଼ାଷୀମାନେ ମଧ୍ୟ ପ୍ରେରଣା ଲାଭ କରି ଉତ୍ସାହିତ ହେବେ । ଏଭଳି କାର୍ଯ୍ୟକ୍ରମ ପ୍ରତିମାସ ଅବ୍ୟାହତ କରି ଜିଲ୍ଲାରେ ଅଧିକ କୃଷି ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

## ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ କ୍ରୀଡା

**ରାଜନଗର,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳସ୍ଥିତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗୀତା ଉଦଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିରଂଚି ନାରାୟଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାନ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦୀଚରଣ ଜେନା, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଚିତ୍ତରଂଜନ ପଣ୍ଡା, ପ୍ରଧାନ ପଣ୍ଡିତ ଜୟରାମ ରାଉଳ, କାହ୍ନୁଚରଣ ଚଣ୍ଡ, ପ୍ରଶାନ୍ତ ରାଉତ, ପଣ୍ଡିତ ବରଦାକାନ୍ତ ଜେନା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗୀତା ସେମାନଙ୍କର ଉତ୍କର୍ଷତା ଲୋକଲୋଚନକୁ ଆଣିଥାଏ । କ୍ରୀଡା ଶିକ୍ଷାର ଏକ ପ୍ରମୁଖ ଅଙ୍ଗ । ଏହା ଛାତ୍ରଛାତ୍ରୀଙ୍କ ଏକାଗ୍ରତା ବୃଦ୍ଧିରେ ସହାୟକ ହେବା ସହ ମାନସିକ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାଏ । ଏହି ତ୍ରିଦିବସୀୟ କ୍ରୀଡା ପ୍ରତିଯୋଗୀତାରେ ୧୦୦ମିଟର ଓ ୨୦୦ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଡିସକସ ଓ ସଟପୁଟ ଥ୍ରୋ, ଧିର ସାଇକେଲ ଚାଳନା, ସ୍କିପିଙ୍ଗ ଓ ରଙ୍ଗୋଲି ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ମହେଶ୍ୱର ରାଉତ, ସମ୍ମାନୀତ ଅତିଥି ଭାବେ ବ୍ରହ୍ମାନନ୍ଦ ରାଉତ, ପ୍ରଧାନ ଶିକ୍ଷକ ସମୀରଣ ମଣ୍ଡଳ, ସୀତାକାନ୍ତ ରାଉଳ, ଦର୍ପନାରାୟଣ ନାୟକ, ସଂଜୟକୁମାର ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । କ୍ରୀଡା ପ୍ରତିଯୋଗୀତାକୁ କ୍ରୀଡା ଶିକ୍ଷକ ରଂଜନ କୁମାର ରାଉଳ ପରିଚାଳନା କରିଥିବା ବେଳେ ଶାନ୍ତନୁକୁମାର ସୂତାର, ସୌମ୍ୟପ୍ରକାଶ ବେହେରା, ମିନତୀ ମଂଜରୀ ମିଶ୍ର, ପ୍ରିୟରଂଜନ ପ୍ରଧାନ ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀ ଓ ପ୍ରାକ୍ତନ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 22nd December, 2025 Monday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ମହା କଞ୍ଜୁସ୍

ହେଲ୍‌ଥ ଟନିକ୍



କଞ୍ଜୁସ୍ ଲୋକଟି ଦିନେ ବ୍ଲେଡ୍‌ରେ ଆଙ୍ଗୁଠି କାଟି ପକାଇଲା ।

ସ୍ତ୍ରୀ ପଚାରିଲା- ଖାଲିଟାରେ ହାତର ଆଙ୍ଗୁଠି କାଟିଲ କାହିଁକି ?

କଞ୍ଜୁସ୍ କହିଲା- ଡେଟୋଲ ଶିଶିଟା ଢାଳିଗଲା ତ, ଖାଲିଟାରେ ନଷ୍ଟ ହୋଇଯିବ ! ତେଣୁ ଲଗେଇ ଦେବି । ଆଉ ତମର ଆଙ୍ଗୁଠି ଆଣ, ଗୋଟେ ଦିଟା କାଟିଦିଏ । ଆଉ କିଛି ଡେଟୋଲ ବଳିଗଲା ତ ?

--------

## ଖରାପ ସମୟ

ଯାହାର ଖରାପ ସମୟ ଚାଲୁଥିବ ଦେଖିବେ ତା ସ୍ୱପ୍ନରେ ସନି ଲିଓନ ବି ଶାଢ଼ୀ ପିନ୍ଧି ଆସିବ ।

# ବଜାରରେ ବଡ଼ଦିନ ସାମଗ୍ରୀର ପସରା: ଭଳିକି ଭଳି ସାନ୍ତା ଓ ଖ୍ରୀଷ୍ଟମାସ ଟ୍ରି

**କଟକ,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସୁଛି ବଡ଼ ଦିନ । ବଜାରରେ ମିଳିଲାଣି ବଡ଼ଦିନ ପାଳନ ପାଇଁ ଆବଶ୍ୟକୀୟ ସାମଗ୍ରୀ । ଆଉ ମାତ୍ର ଦିନ କେତେଟା ପରେ ପଡ଼ିବ ବଡ଼ଦିନ । ଖ୍ରୀଷ୍ଟ ସଂପ୍ରଦାୟର ବଡ଼ ପର୍ବ ହେଉଛି ଖ୍ରୀଷ୍ଟମାସ । ଏଥିପାଇଁ କଟକ ସହରରେ ଜମିଲାଣି ଖ୍ରୀଷ୍ଟମାସ ବଜାର । ଚାରିଆଡ଼େ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି । ବଡ଼ଦିନ ପାଇଁ ସହରର ପ୍ରମୁଖ ସ୍ଥାନ ଗୁଡ଼ିକରେ ଖୋଲିଲାଣି ଖ୍ରୀଷ୍ଟମାସର ପସରା । ଖ୍ରୀଷ୍ଟମାସ ଟ୍ରି, ଷ୍ଟାର, ସାନ୍ତାକ୍ଲଜ, ହ୍ୟାଙ୍ଗିଂ ବଲ, ବେଲ୍, ସାନ୍ତା ଟ୍ରି, ରୂପେଲି ହରିଣ, ଗୋଲଡେନ କ୍ୟାଣ୍ଡେଲ, ସାନ୍ତା ଟୋପି, ମୋଜା, ପୋଷାକ, ଖ୍ରୀଷ୍ଟମାସ ବ୍ୟାଣ୍ଡ, ଖ୍ରୀଷ୍ଟମାସ କାର୍ଡ୍, ଝୁମର, ମ୍ୟୁଜିକାଲ ସାନ୍ତା ଓ ଡ୍ୟାନ୍ସିଂ ସାନ୍ତା ଆଦି ସାମଗ୍ରୀର ସଜେଇ ହୋଇଛି କଟକ ସହରର ରାସ୍ତା କଡ଼ଠାରୁ ଆରମ୍ଭ କରି ବିଭିନ୍ନ ଦୋକାନ । ଘର ସଜାଇବା ଠାରୁ ଆରମ୍ଭ କରି ଆକର୍ଷଣୀୟ ଉପହାର ସାମଗ୍ରୀ ମଧ୍ୟ ଦୋକାନରେ ଉପଲବ୍ଧ ହେଉଛି । ଛୋଟ ସାନ୍ତାର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ।

ଏହାଛଡ଼ା, ସ୍ୱତନ୍ତ୍ର ମ୍ୟୁଜିକାଲ ସାନ୍ତା ମୂଲ୍ୟ ବିଭିନ୍ନ ସାଇଜ ଅନୁସାରେ ରହିଛି ବୋଲି ମିଶନରୋଡ଼ରେ ଥିବା ବଡ଼ଦିନ ସାମଗ୍ରୀ ଦୋକାନର ମାଲିକ ରାଜେଶ ପାତ୍ର କହିଛନ୍ତି । ୫ ଫୁଟ ଉଚ୍ଚତାର ସାନ୍ତାର ମୂଲ୍ୟ ୯୦୦୦ଟଙ୍କା ରହିଛି । ଏହାଛଡ଼ା ଅଧିକ ଉଚ୍ଚତାର ସାନ୍ତାର ମୂଲ୍ୟ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିପରି ଖ୍ରୀଷ୍ଟମାସ ଟ୍ରିଗୁଡ଼ିକ ବେଶ ଆକର୍ଷଣୀୟ ହୋଇଛି । ଖ୍ରୀଷ୍ଟମାସ ଟ୍ରିର ଦର ମଧ୍ୟ ସାଇଜ ଅନୁସାରେ ରହିଛି । ଟ୍ରିଗୁଡ଼ିକର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ କରି ଦଶହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ଟ୍ରିଗୁଡ଼ିକ ରଂଗବେରଗଂର ଲାଇଟ ଓ ଷ୍ଟାରରେ ସଜା ହୋଇଛି । ତେବେ ଏହି ସବୁ ସାମଗ୍ରୀଗୁଡ଼ିକ କେବଳ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନେ ନୁହଁନ୍ତି, ବିଭିନ୍ନ ସଂପ୍ରଦାୟ, ବ୍ୟବସାୟ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ଆଦିରେ ସଜାଇବାକୁ ଲୋକମାନେ ଆକୃଷ୍ଟ ହେଉଛନ୍ତି ବୋଲି ବ୍ୟବସାୟୀମାନେ କହିଛନ୍ତି । ସ୍ଥାନୀୟ ବକ୍ସିବଜାର ଓ ମିଶନ ରୋଡ଼ ଆଦି ଅଂଚଳରେ ଖ୍ରୀଷ୍ଟମାସ ସାମଗ୍ରୀର ପସରା ଦେଖିବାକୁ ମିଳିଛି । ଏହି ସବୁ ସାମଗ୍ରୀ ଦିଲ୍ଲୀ, ମୁମ୍ବାଇ, ଗୋଆ, କଲିକତା ଓ ବେଙ୍ଗାଲୁରରୁ ଆସୁଥିବା ବ୍ୟବସାୟୀମାନେ କହିଛନ୍ତି ।



ସଂପ୍ରତି ଛୋଟପିଲାମାନଙ୍କୁ ସାନ୍ତା ବେଶ କରିବା ସହିତ ସୁସଜ୍ଜିତ ଖ୍ରୀଷ୍ଟମାସ ଟ୍ରି ନିକଟରେ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ଏକ ଟ୍ରେଣ୍ଡ ପାଲଟିଛି । ଯେଉଁଥିପାଇଁ ଏହି ସାମଗ୍ରୀ କିଣିବାକୁ ବିଭିନ୍ନ ବର୍ଗର ଲୋକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି । ଖ୍ରୀଷ୍ଟମାସ ଉଦ୍ଦେଶ୍ୟରେ ଉପହାର ଦେବା ପାଇଁ ଭଳିକି ଭଳି ଗିଫ୍ଟ ଆଇଟମ ମଧ୍ୟ ଦୋକାନରେ ବିକ୍ରି ହେଉଛି । ସନ୍ଧ୍ୟାହେଲେ ଆଖିଝଲସା ଆଲୋକରେ ଏହି ଖ୍ରୀଷ୍ଟମାସ ବଜାର ସମସ୍ତଙ୍କୁ ଆକର୍ଷିତ କରୁଛି । ଚଳିତ ବର୍ଷ ବଡ଼ଦିନ ସାମଗ୍ରୀର ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଆଶା ପ୍ରକଟ କରିଛନ୍ତି । ଏହା ସହ ଖ୍ରୀଷ୍ଟମାସ ପାଇଁ ଚଳ ଚଞ୍ଚଳ ହେଲାଣି କଟକ ସହରର ବିଭିନ୍ନ ଚର୍ଚ୍ଚ ପରିସର । ଯୀଶୁଙ୍କ ଜନ୍ମ ଦିବସକୁ ବଡ଼ଦିନ ଭାବେ ପାଳନ କରାଯାଇଥାଏ । ସଂପ୍ରତି ଚର୍ଚ୍ଚରେ କ୍ୟାରୋଲ ଚାଲିଛି । ବିଭିନ୍ନ ଚର୍ଚ୍ଚରେ ପ୍ରସ୍ତୁତି କାର୍ଯ୍ୟ ଯୋରସୋରରେ ମଧ୍ୟ ଚାଲିଛି । ଚର୍ଚ୍ଚକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଚର୍ଚ୍ଚର କର୍ମକର୍ତ୍ତାମାନେ ଲାଗିପଡ଼ିଛନ୍ତି ।

# ପାକିସ୍ତାନଠାରୁ ଭାରତର ଶୋଚନୀୟ ପରାଜୟ




**ଦୁବାଇ,୨୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

୧୯ ବର୍ଷରୁ କମ ପୁରୁଷ ଦିନିକିଆ ଏସିଆ କପରେ ଭାରତକୁ ୧୯୧ ରନରେ ଶୋଚନୀୟଭାବେ ପରାସ୍ତ କରିଛି ପାକିସ୍ତାନ । ଏହି ମ୍ୟାଚର ପାକିସ୍ତାନ ପକ୍ଷରୁ ଭାରତ ଆଗରେ ୩୪୮ ରନର ଏକ ବିଶାଳ ଲକ୍ଷ୍ୟ ରଖିଥିଲେ ବି ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୫୬ ରନ କରି ଅଲଆଉଟ ହୋଇଯାଇଥିଲା । ଭାରତ ପକ୍ଷରୁ ଦିପେଶ ଦେବେନ୍ଦ୍ରନ ୩୬ ରନ ଓ ବୈଭବ ସୂର୍ଯ୍ୟବଂଶୀ ୨୬ ରନ କରିଥିଲେ । କିନ୍ତୁ ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ । ଏପରିକି ଭାରତର ୬ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଂକ ଛୁଇଁପାରିନଥିଲେ ।

ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଦଳ ସମୀର ମିନହାନସଙ୍କ ବିସ୍ଫୋରକ ୧୭୨ ରନ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୭ ରନ କରିଥିଲା । ସେହିପରି ଅହମ୍ମଦ ହୁସେନ ୫୬ ରନ କରିଥିଲେ ଓ ଫରହାଦ ୟୁସୁଫ ୧୯ ରନ କରିଥିଲେ । ଭାରତ ପକ୍ଷରୁ ଦିପେଶ ଦେବେନ୍ଦ୍ରନ ୩ଟି ଓ ଖିଲଣ୍ଡ ପଟେଲ ୨ଟି ୱିକେଟ ନେଇଥିଲେ ।

# ସଂପୂର୍ଣ୍ଣ ପୀଠ କରିବେ ବେଆଇନ୍ ବିଦ୍ୟାଳୟ ମାମଲା ଶୁଣାଣି

**ଭୁବନେଶ୍ୱର,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ବେଆଇନ୍ ଏବଂ ଅଣସ୍ୱୀକୃତି ପ୍ରାପ୍ତ ଭାବରେ ଚାଲୁଥିବା ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସଂକ୍ରାନ୍ତରେ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ତରଫରୁ ମାନବାଧିକାର ଆୟୋଗଙ୍କ ନିକଟରେ ରୁଜୁ ହୋଇଥିବା ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ତା ୨୦/୦୧/୨୬ରେ ପରବର୍ତ୍ତୀ ଶୁଣାଣି ସଂପୂର୍ଣ୍ଣ ପୀଠ କରିବେ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି ବୋଲି ଫେଡେରେସନ୍‌ର ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏକ ବିବୃତିରେ ଜଣାଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ଦୀର୍ଘ ବର୍ଷ ଧରି ସରକାରଙ୍କ ସମସ୍ତ ନୀତି ନୀୟମକୁ ଉଲ୍ଲଂଘନ କରି ସରକାରୀ ତଥ୍ୟ ଅନୁଯାୟୀ ୧୩୦୦ରୁ ଉର୍ଦ୍ଧ୍ୱ ବେଆଇନ୍ ଏବଂ ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ ଚାଲୁଥିବାର ତଥ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ପ୍ରଥମ ଶୁଣାଣି ସମୟରେ ଦାଖଲ କରାଯାଇଥିଲା ।

ଏହାର ପ୍ରତ୍ୟୁତ୍ତରରେ ଫେଡେରେସନ୍ ତରଫରୁ ଦର୍ଶାଇ ଯାଇଥିଲା କି ୨୦୧୮ ମସିହାରୁ କ୍ରମାଗତ ଭାବରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ଜିଲ୍ଲାରେ ଚାଲୁଥିବା ବେଆଇନ୍ ସ୍କୁଲ୍ ସଂକ୍ରାନ୍ତୀୟ ତଥ୍ୟ ଦାଖଲ କରି ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରାଯାଉଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯାଉଛି । ଫଳରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ବିପଦରେ ପଡ଼ିବା ସହ ଆଇନ୍ ଅନୁଯାୟୀ ଆଦାୟ ହେବାକୁ ଥିବା ବିପୁଳ ପରିମାଣର ଆର୍ଥିକ ଦଣ୍ଡ ଆଦାୟ ହେଉନାହିଁ, କିମ୍ବା ଆଦାୟ ହୋଇ ମଧ୍ୟ ସରକାରୀ ଖଜଣାକୁ ଯାଉନାହିଁ । ଫଳରେ ପ୍ରତ୍ୟେକ ବର୍ଷ ଏହାର ସଂଖ୍ୟା ବଢ଼ିବା ସହ ଛାତ୍ରଛାତ୍ରୀ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବା ସହ ବିଭିନ୍ନ ସରକାରୀ ସୁଯୋଗରୁ ବଞ୍ଚିତ ହେଉଥିବାର ଖବର ବିଭିନ୍ନ ସମୟରେ ସମ୍ବାଦପତ୍ରରେ ପ୍ରକାଶ ପାଉଛି ।

ଘଟଣାର ଗୁରୁତ୍ୱ ଏବଂ ବୃହତ୍ତର ସ୍ୱାର୍ଥକୁ ନଜରରେ ରଖି ପରବର୍ତ୍ତୀ ଶୁଣାଣି ସଂପୂର୍ଣ୍ଣ ପୀଠ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଏହି ଶୁଣାଣି ସମୟରେ ଫେଡେରସନ୍ ଉପଦେଷ୍ଟା ନାଗାର୍ଜୁନ ସେଠୀ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ରମେଶ ଭାରତୀ, ନିର୍ମଳ ରାଉତ ଏବଂ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳାଙ୍କ ପାଇଁ ଅସୁରକ୍ଷିତ ରାଜଧାନୀ

**ଭୁବନେଶ୍ୱର,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ସହିଦ ନଗର ଗଣଦୁଷ୍କର୍ମ ମାମଲା ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । 'ଏକ୍ସ' ପୋଷ୍ଟରେ ନବୀନ ଲେଖିଛନ୍ତି, 'ମହିଳାଙ୍କ ପାଇଁ ଅସୁରକ୍ଷିତ ହେଉଛି ରାଜ୍ୟ ରାଜଧାନୀ ଭୁବନେଶ୍ୱର, ପୁଣି କଳଙ୍କ ମୁଣ୍ଡାଇଛି ଓଡ଼ିଶା । କେବେ ଆଉ ଚେତିବ ବିଜେପି ସରକାର ? ଦିନ ଦ୍ୱିପ୍ରହରରେ ପୁଣି ଜଣେ ନାବାଳିକା ଭୁବନେଶ୍ୱରରେ ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ । କୁଆଡ଼େ ଯାଇଛି ଆଇନଶୃଙ୍ଖଳା ?



'ଲୋକଙ୍କ ସରକାର'ର ମିଛ ପ୍ରହେଳିକା କରୁଥିବା ସରକାର ଲୋକଙ୍କୁ ସୁରକ୍ଷା ଦେଉଛି ତ ? ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନଲିଭୁଣୁ ପୁଣି ଏକ ବର୍ବରକାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି । ରାଜଧାନୀରେ ମା'ଭଉଣୀମାନେ ଅସୁରକ୍ଷିତ ମନେ କଲେଣି । ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି । ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ । ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

# ବାଇକ-ସ୍କୁଟି ଧକ୍କା: ଜଣେ ମୃତ

**କଟକ,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ପୂର୍ବାହ୍ନରେ ଜଗତପୁର ସ୍ଥିତ କେନ୍ଦ୍ରାପଡ଼ା କେନାଲ ମଧୁବାବୁ ସେତୁ ନିକଟରେ ଏକ ସ୍କୁଟି ସହ ବାଇକର ଧକ୍କା ହୋଇଛି । ଏଥିରେ ବାଇକରେ ଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଦୁର୍ଘଟଣା ପରେ ସ୍କୁଟି ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ମୃତ ବ୍ୟକ୍ତି ଜଣକ ହେଲେ ଯାଜପୁର ବୈରୀ ଥାନା ଅନ୍ତର୍ଗତ ବରାଙ୍ଗ ଗ୍ରାମର ମଙ୍ଗୁଳି ନାୟକ (୫୩) । ଗୁରୁତର ଆହତ ବ୍ୟକ୍ତି ହେଲେ ଦୟାନିଧି ବେହେରା (୩୯) । ସୂଚନା ମୁତାବକ, ମଙ୍ଗୁଳି ଓ ଦୟାନିଧି ଉଭୟ ଗୋଟିଏ ଗ୍ରାମର ହୋଇଥିବାରୁ ସାଙ୍ଗ ହୋଇ ଜଗତପୁର ଅଂଚଳରେ ରାଜମିସ୍ତ୍ରୀ ଭାବେ କାମ କରନ୍ତି । ରବିବାର ପୂର୍ବାହ୍ନରେ ଉଭୟ କାମ କରିବା ନିମନ୍ତେ ଜଗତପୁରକୁ ଆସିଥିଲେ । ଦୟାନିଧି ବାଇକ (ଓଡ଼ି ୦୫ ବିଏସ ୦୪୩୯) ଚଳାଉଥିବା ବେଳେ ମଙ୍ଗୁଳି ପଛରେ ବସିଥିଲେ । ବାଇକ ଯୋଗେ ସେମାନେ ଅଲଟ୍ରା ରୋଡ଼ରୁ ବାହାରି କେନ୍ଦ୍ରାପଡ଼ା କେନାଲ ବନ୍ଧକୁ ଯାଉଥିବା ସମୟରେ ଖଇରା ପୋଲ ପାର୍ଶ୍ୱରୁ ଉକ୍ତ ରାସ୍ତାରେ ୧୬ ନମ୍ବର ଜାତୀୟ ରାଜପଥ ଅଭିମୁଖେ ଯାଉଥିବା ଏକ ସ୍କୁଟି ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା । ଫଳରେ ବାଇକ କେନାଲ ବନ୍ଧ ପାର୍ଶ୍ୱକୁ ଓଲଟି ପଡ଼ିବା ସହ ପଛରେ ବସିଥିବା ମଙ୍ଗୁଳି କେନାଲ ପାର୍ଶ୍ୱ କଂକ୍ରିଟ ଢ଼ଳେଇରେ ପିଟି ହୋଇ ରକ୍ତାକ୍ତ ହୋଇ କେନାଲ ଭିତରେ ପଡ଼ି ଯାଇଥିଲେ । ଏହି ଦୁର୍ଘଟଣାରେ ଦୟାନିଧିଙ୍କ ହାତ ଭାଂଗିଯିବା ସହ ସେ ଗୁରୁତର ଭାବେ ଆହତ ହୋଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡ଼ିକାଲକୁ ପଠାଇଥିଲେ । ସେଠାରେ ଡାକ୍ତର ମଂଗୁଳିଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଆହତ ଦୟାନିଧି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ଏ ନେଇ ମୃତ ମଂଗୁଳିଙ୍କ ପୁତୁରା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ସ୍କୁଟି ଚାଳକକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି ।

# ଥାନାରେ ଏତଲା ଦେଲେ ହ୍ୟୁମାନଙ୍କ ମା

**କଟକ,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ପ୍ରସିଦ୍ଧ ଗାୟକ ହ୍ୟୁମାନ ସାଗରଙ୍କ ମୃତ୍ୟୁ ମାମଲାରେ ଥାନାରେ ଏତଲା ଦେଲେ ହ୍ୟୁମାନଙ୍କ ମା' । କଟକ ମର୍କତନଗର ଥାନାରେ ଦ୍ୱାରସ୍ଥ ହେଲେ ସ୍ୱର୍ଗତ ହ୍ୟୁମାନଙ୍କ ସାଗରଙ୍କ ମା ସେଫାଳୀ ସୁନା । ହ୍ୟୁମାନଙ୍କର ମୃତ୍ୟୁ ହୋଇନାହିଁ ବରଂ ତାଙ୍କୁ ଜାଣିଶୁଣି ମାରି ଦିଆଯାଇଛି ବୋଲି ମା ସେଫାଳି ସୁନା ଅଭିଯୋଗ ଆଣିଛନ୍ତି । ପ୍ରକାଶ ଥାଉକି, ନଭେମ୍ବର ୧୭ ତାରିଖରେ ଭୁବନେଶ୍ୱରେ ଏମସରେ ଚିକିତ୍ସାଧୀନ ଅବସ୍ଥାରେ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଦେହାନ୍ତ ହୋଇଥିଲା । ଯାହା ପରେ କିଛି ଦିନ ଧରି ବାଦ ବିବାଦ ଲାଗି ରହିଥିଲା । ଏପରିକି ହ୍ୟୁମାନଙ୍କ ମାନେଜର ନାଁରେ ସାଙ୍ଘାତିକ ଅଭିଯୋଗ ତାଙ୍କ ମା ଆଣିଥିଲେ । ପରେ ମାମଲାରେ ଅନେକ ସାଥୀ କଳାକାରଙ୍କ ନାଁ ମଧ୍ୟ ଆସିଥିଲା । ଇତି ମଧ୍ୟରେ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ଏକମାସ ପୁରି ଗଲାଣି । ଏବେ ପୁଣି ଥରେ ଏହି ମାମଲା ଚର୍ଚ୍ଚାକୁ ଆସିଛି । ଶନିବାର ବିଳମ୍ବିତ ରାତିରେ ହ୍ୟୁମାନ ସାଗରଙ୍କ ମା ସେଫାଳି ସୁନା କଟକ ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ପୁଅ ହ୍ୟୁମାନଙ୍କୁ ଜାଣିଶୁଣି ମାରିଦିଆଯାଇଛି । ତା'ର ମୃତ୍ୟୁ ହୋଇନାହିଁ ତେଣୁ ଏହି ଘଟଣାର ପୁରା ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ହ୍ୟୁମାନଙ୍କ ମା ଦାବି କରିଛନ୍ତି । ଅବହେଳା, ଦୁର୍ବ୍ୟବହାର, ଚାପ, ବିଷକ୍ରିୟା, ନିଶାଦ୍ରବ୍ୟ ପ୍ରୟୋଗର ଷଡ଼ଯନ୍ତ୍ର, ଆର୍ଥିକ ହେରଫେର ଓ ଡିଜିଟାଲ ପ୍ରମାଣ ନଷ୍ଟ ସଂପର୍କିତ ତଦନ୍ତ ଏତଲାରେ ଦାବି କରାଯାଇଛି । ସେହିପରି ହ୍ୟୁମାନଙ୍କ ଫୋନ ଡିଟେଲ ଏବଂ କଟକ ସ୍ଥିତ ବାସଭବନର ସିସିଟିଭିକୁ ଯାଂଚ କରିବାକୁ ତାଙ୍କ ମା' କହିଛନ୍ତି । ଏଥିସହିତ ହ୍ୟୁମାନଙ୍କ ସହ ଜଡ଼ିତ ଥିବା ବ୍ୟକ୍ତିବିଶେଷଙ୍କ ନାଁରେ ମଧ୍ୟ ସେଫାଳି ସୁନା ଏତଲା ଦେଇଛନ୍ତି ।

# ଗେଷ୍ଟ ହାଉସରୁ ମିଳିଲା ମୃତଦେହ

## ହତ୍ୟା ନେଇ ପତ୍ନୀଙ୍କ ଅଭିଯୋଗ

**ଭୁବନେଶ୍ୱର,୨୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ନାଲକୋ ଛକସ୍ଥିତ ଏକ ଗେଷ୍ଟ ହାଉସରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି । ମୈତ୍ରୀବିହାର ଥାନା ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି । ମୃତକଙ୍କ ନାକରୁ ଫେଣ ଏବଂ ପାଟିରୁ ରକ୍ତ ବାହରୁଥିବାରୁ ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ତେବେ ଉକ୍ତ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି । ସେ ଜଣେ ଯୁବତୀଙ୍କ ନାମରେ ଅଭିଯୋଗ କରିଛନ୍ତି । ଉକ୍ତ ଯୁବତୀଙ୍କୁ ଧରି ପଚରାଉପରା କରି ସିସିଟିଭି ଯାଞ୍ଚ କଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ମୃତକଙ୍କ ସ୍ତ୍ରୀ କହିଛନ୍ତି । ମୃତକ ହେଉଛନ୍ତି ଶରତ ଭଟ୍ଟାଚାର୍ଯ୍ୟ ।

ସୂଚନା ଅନୁସାରେ, ଶରତଙ୍କ ନିଖୋଜ ନେଇ ଗତ ୨୦ ତାରିଖରେ ତାଙ୍କ ସ୍ତ୍ରୀ ଧଉଳି ଥାନାରେ ଅଭିଯୋଗ କରିଥିଲେ । ୧୯ ତାରିଖ ଦିନ ଶରତ ଘରୁ ବାହାରି ଆସିଥିଲେ । ପରେ ଘରକୁ ଫେରିବା ବିଳମ୍ବ ହେବ ବୋଲି ଫୋନ କରି ଜଣାଇଥିଲେ । ହେଲେ ୨୦ ତାରିଖ ବେଳକୁ ସେ ଘରକୁ ନ ଫେରିବାରୁ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାରୁ...


### ମେସି ନେଇଥିଲେ...


ଖର୍ଚ୍ଚର ୬୦%-୭୦% କଭର କରୁଥିଲା । ତେଣୁ ତଦନ୍ତକାରୀଙ୍କୁ ତାଙ୍କ ଦାବି ଉପରେ ସନ୍ଦେହ କରୁଛି ।'

ମେସିଙ୍କ କାର୍ଯ୍ୟକ୍ରମରେ କଳାଧନର ବ୍ୟବହାର ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି । ହେଲେ ଦତ୍ତ କିନ୍ତୁ କୌଣସି ଅନିୟମିତତା ହୋଇ ନାହିଁ ବୋଲି କହୁଛି । ଆୟୋଜକ ସତଦ୍ରୁ ଦତ୍ତ ଦାବି କରିଥିଲେ ଯେ ପ୍ରାରମ୍ଭରେ କେବଳ ୧୫୦ଟି ଗ୍ରାଉଣ୍ଡ ପାସ୍ ପ୍ରଦାନ କରାଯାଇଥିଲା, କିନ୍ତୁ ପରେ ଯୋଜନା ପରିବର୍ତ୍ତନ କରାଯାଇଥିଲା ଏବଂ ପାସ୍ ସଂଖ୍ୟା ତିନିଗୁଣ ବୃଦ୍ଧି କରାଯାଇଥିଲା ।

ଏହି ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ଦୁଇଟି ମାମଲା ରୁଜୁ କରିସାରିଛି । ବିଧାନନଗର ଦକ୍ଷିଣ ପୋଲିସ ଷ୍ଟେସନରେ ଏକ ନିଜ ଆଡୁ ମାମଲା ରୁଜୁ କରାଯାଇଥିଲା । ଅଭିଯୋଗଗୁଡ଼ିକ ମଧ୍ୟରେ ଅଶାନ୍ତି ସୃଷ୍ଟି କରିବା, ଭଙ୍ଗାରୁଜା କରିବା, ହିଂସା କରିବା ଏବଂ ସାଧାରଣ ସୁରକ୍ଷାକୁ ବିପଦରେ ପକାଇବା ଭଳି ଅଭିଯୋଗ ରହିଛି । ଏଥିସହିତ ଦତ୍ତଙ୍କ ବିରୁଦ୍ଧରେ ଅନେକ ଜାମିନ ବିହୀନ ଅଭିଯୋଗ ଦାଖଲ କରାଯାଇଛି ।


### ଭିବି-ଜି ରାମ...


ସରକାରଙ୍କ ପକ୍ଷରୁ ନିଷ୍ପତ୍ତି କରାଯାଇଛି । ଶ୍ରମିକଙ୍କ ସମସ୍ୟା ଶୁଣାଣି ପାଇଁ ବିଭିନ୍ନ ସ୍ତରରେ ବ୍ୟବସ୍ଥା ରଖାଯାଇଛି । ଏହି ଯୋଜନାରେ କାମକରୁଥିବା ଅଣକୁଶଳୀ ଶ୍ରମିକମାନଙ୍କୁ ୧୦୦ ପ୍ରତିଶତ ମଜୁରୀ କେନ୍ଦ୍ର ବହନ କରୁଥିବା ବେଳେ କୁଶଳୀ ଶ୍ରମିକମାନଙ୍କୁ କାମରେ ବ୍ୟବହାର କରାଗଲେ କେନ୍ଦ୍ର ୬୦ ପ୍ରତିଶତ ଓ ରାଜ୍ୟ ୪୦ ପ୍ରତିଶତ ମଜୁରୀ ପ୍ରଦାନ କରିବେ । କେନ୍ଦ୍ରଶାସିତ ଅଞ୍ଚଳରେ ଶତପ୍ରତିଶତ ଖର୍ଚ୍ଚ ବହନ କରିବ କେନ୍ଦ୍ର । ଏହି ଯୋଜନାରେ ବାର୍ଷିକ ୧ଲକ୍ଷ ୫୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବା ଲାଗି ନିଷ୍ପତ୍ତି କରାଯାଇଛି । ଯୋଜନାରେ ୯୫ ହଜାର ୬୯୨ କୋଟି ଟଙ୍କା ବହନ କରିବେ କେନ୍ଦ୍ର ସରକାର ।

# ଋଣ ନେଇ ଶୁଝିଲେନି: ସରପଞ୍ଚଙ୍କ ଘର ସିଲ୍

**ଉଦଳା,୨୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ୟାଙ୍କରୁ ଋଣ ଆଣି ଶୁଝିନପାରିବାରୁ ସିଲ୍ ହେଲା ସରପଞ୍ଚଙ୍କ ଘର । ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଝିଙ୍କପଦା ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ନାଏକଙ୍କ ଘର ସିଲ୍ କରିଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ । ସୂଚନାଯୋଗ୍ୟ, ଏକ ବ୍ୟାଙ୍କରୁ ସରପଞ୍ଚ ତ୍ରିଲୋଚନ ନାଏକ ଲୋନ୍ ଆଣିଥିଲେ । ଆଣିଥିବା ଲୋନ୍ ପରିଶୋଧ କରି ନଥିବା ବେଳେ ବାରମ୍ବାର ବ୍ୟାଙ୍କ ପକ୍ଷରୁ ନୋଟିସ୍ ହୋଇଥିଲେ ସୁଦ୍ଧା ସେ ତାହାର ଉତ୍ତର ଦେଇନଥିଲେ । ଆଉ ଯେଉଁଥିପାଇଁ ସରପଞ୍ଚଙ୍କ ଆଲିସାନ କୋଠାକୁ ସିଲ୍ କରିଛି ବ୍ୟାଙ୍କ । ଗୌଡ଼ଗାଁ ଗ୍ରାମ ଭିତରେ ଥିବା ତାଙ୍କ ଘରେ ପୋଲିସ ସହିତ ବ୍ୟାଙ୍କ କର୍ତ୍ତୃପକ୍ଷ ପହଞ୍ଚି ଘରକୁ ଯଉ ମୋଦକ ଦେଇ ସିଲ୍ କରିଛନ୍ତି । ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ଥିବାରୁ ଘରକୁ ନିଜ ଅକ୍ତିଆରକୁ ନେଇଛି ବ୍ୟାଙ୍କ ।

# ସବୁ ଦଳରେ ମୂଷା ଅଛନ୍ତି: ସମ୍ବିତ

**ଭୁବନେଶ୍ୱର,୨୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬ରେ ବହୁତ କିଛି ହେବ । କିଛି ମେଳି ନାହିଁ । ରାଜନୀତି କଲେ ଚର୍ଚ୍ଚା ହେବ ବୋଲି ବିଜେଡି ନେତା ସମ୍ବିତ ରାଉତରାୟ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ନିର୍ବାଚନରେ ଅନେକ କିଛି ଘଟଣା ଘଟିଗଲା । ବହୁ ଦୁରିଆ ନେତାଙ୍କ ସହ ଦେଖା ହୋଇନଥିଲା । ସେଥିପାଇଁ ଭୋଜି ହେଲା । କିନ୍ତୁ ମେଳି କିଛି ନୁହେଁ । ଆଞ୍ଚଳିକ ଦଳ ଭାବେ ବିଜେଡି ସର୍ବ ବୃହତ ଦଳ । ଗୋଟିଏ ନେତା ନବୀନ । ନେତୃତ୍ୱର ସଙ୍କଟ ନାହିଁ । ନୂତନ ଦଳ କାହିଁ ଗଢ଼ାଯିବ । ବିଜେଡି କ'ଣ କେବଳ ନବୀନଙ୍କୁ ନେଇ ଗଢାଯାଇଛି । ବିଜୁଙ୍କ ଆଦର୍ଶରେ ଗଢ଼ା । ଦାମୋଦର ରାଉତ, କାଳନ୍ଦୀ ବେହେରା, ପ୍ରଦୀପ ମହାରଥୀ, ବିଜୟଶ୍ରୀ ରାଉତରାୟ, କଳ୍ପତରୁ ଦାସଙ୍କ ଭଳି ନେତାଙ୍କ ଅବଦାନ ରହିଛି । ଦଳକୁ କେହି ହାଇଜାକ କରିପାରିବେ ନାହିଁ । ଆମେ ସୈନିକ ଅଛୁ । ବିରୋଧୀ ଦଳ ଭାବେ ଆମେ ସରକାରଙ୍କ ଦୋଷତ୍ରୁଟି ଲୋକଲୋଚନକୁ ଆଣିବାକୁ । ଲୋକେ ବୁଝିଲେଣି ବିଜେପି କ'ଣ ଆଉ ବିଜେଡି କ'ଣ ଥିଲା । ନୂଆ ବର୍ଷରେ ନୂଆ ତରିକାରେ ଦଳ ଆହୁରି ସୁଦୃଢ଼ ହେବ ।

ଅତୀତରେ ପ୍ରତିବନ୍ଧକ ଥିଲା ଭୋଜି ଭାତ ଉପରେ । ଏବେ ଆଉ ପ୍ରତିବନ୍ଧକ ନାହିଁ । ଦଳ ହାରିଗଲା ପରେ ଏବେ ଆଉ ପ୍ରତିବନ୍ଧକ ନାହିଁ । ଶସ୍ୟ ଶ୍ୟାମଳ ଅମାର ଥିଲେ ମୂଷା ରହିବେ । ମୂଷା ଖାଇବାକୁ ସାପ ଆସିବେ । ସବୁ ଦଳରେ ମୂଷା ଅଛନ୍ତି ବୋଲି ସମ୍ବିତ ରାଉତରାୟ କହିଛନ୍ତି ।

# ଶ୍ରୀମନ୍ଦିରର ନୋ ଫ୍ଲାଇଂ ଜୋନ୍‌ରେ ଭିଡିଓ ଉତ୍ତୋଳନ

**ପୁରୀ,୨୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ୍ । ଡ୍ରୋନ୍ ଦ୍ୱାରା ନିଆଯାଇଥିବା ଶ୍ରୀମନ୍ଦିରର ଫଟୋ ହୋଇଛି ଭାଇରାଲ । ତେବେ ଫେସବୁକରେ ଏକ ସଂସ୍ଥା ଛାଡିଛି ଏହି ଫଟୋ । ଫେସବୁକରେ ଅପଲୋଡ ହୋଇଥିବା ଏହି ଫଟୋକୁ ଅନେକ ଲୋକ ସେୟାର ଏବଂ ରିପୋଷ୍ଟ ମଧ୍ୟ କରିଛନ୍ତି । ତେବେ ଶ୍ରୀମନ୍ଦିର ଉପରୁ ଡ୍ରୋନ୍ ମାଧ୍ୟମରେ ଏହି ଫଟୋ କିଭଳି ନିଆଗଲା ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଫଟୋରେ କୁରମ ବେଢା ଭିତରେ ଥିବା ବଡ଼ଦେଉଳ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବା ଦେବୀଙ୍କ ମନ୍ଦିର ଦେଖାଯାଉଛି । ମେଘନାଦ ପାଚେରୀ ଭିତରେ ଥିବା ଅନ୍ୟାନ୍ୟ ଐତିହ୍ୟ ଓ ମନ୍ଦିର ମଧ୍ୟ ଫଟୋରେ ଦେଖାଯାଉଛି ।

# ସୁନା ଖଣି ନିକଟରେ ଆଖିବୁଜା ଗୁଳିମାଡ: ୧୧ ମୃତ

**ଜୋହାନ୍ସବର୍ଗ,୨୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଏକ ବଡ଼ ଆକ୍ରମଣ ଘଟିଛି । ଜଣେ ବ୍ୟକ୍ତି ଆଖିବୁଜା ଗୁଳି ଚଳାଇ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୧୧ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ତିନି ଜଣ ପିଲା ମଧ୍ୟ ଅଛନ୍ତି ।



ଆକ୍ରମଣକାରୀମାନେ ଅଜ୍ଞାତ ବନ୍ଧୁକଧାରୀ ଥିଲେ । ସେମାନେ ଆଖିବୁଜା ଗୁଳି ଚଳାଇ ପଳାଇ ଯାଇଥିଲେ । ପୁଲିସ ଆହତମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରି ତଦନ୍ତ ଜାରି ରହିଛି । ଏପର୍ଯ୍ୟନ୍ତ ଆକ୍ରମଣର କାରଣ ଜଣାପଡି ନାହିଁ ।

ଗୌଟେଙ୍ଗ ପ୍ରଦେଶ ପୁଲିସ ମୁଖପାତ୍ର ବ୍ରିଗେଡିୟର ବ୍ରେଣ୍ଡା ମୁରିଡିଲି କହିଛନ୍ତି ଯେ ଜୋହାନ୍ସବର୍ଗର ୪୦ କିଲୋମିଟର (୨୫ ମାଇଲ) ଦକ୍ଷିଣ-ପଶ୍ଚିମରେ ବେକର୍ସଡେଲ୍ ଅଞ୍ଚଳରେ ଏହି ଆକ୍ରମଣ ଘଟିଛି । ଅଜ୍ଞାତ ବନ୍ଧୁକଧାରୀମାନେ ସୁନା ଖଣି ନିକଟରେ ଥିବା ଏକ ବସ୍ତିର ବାସିନ୍ଦାଙ୍କ ଉପରେ ଅଚାନକ ଗୁଳି ଚଳାଇଥିଲେ ।

ପୀଡିତମାନଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ, କିନ୍ତୁ ଆହତମାନେ କହିଛନ୍ତି ଯେ, ସେମାନେ ଆକ୍ରମଣକାରୀଙ୍କୁ ଦେଖିଥିଲେ, ଯେଉଁମାନେ ପଛରୁ ସେମାନଙ୍କ ଉପରେ ଗୁଳି ଚଳାଇଥିଲେ ।

ଏହା ଏକ ମାସ ମଧ୍ୟରେ ଦକ୍ଷିଣ ଆଫ୍ରିକାରେ ଦ୍ୱିତୀୟ ଗୁଳିକାଣ୍ଡ । ପୂର୍ବରୁ, ଡିସେମ୍ବର ୬ ତାରିଖରେ, ଅଜ୍ଞାତ ବନ୍ଧୁକଧାରୀମାନେ ରାଜଧାନୀ ପ୍ରିଟୋରିଆ ନିକଟରେ ଏକ ହଷ୍ଟେଲରେ ଆକ୍ରମଣ କରିଥିଲେ, ଯେଉଁଥିରେ ୩ ବର୍ଷର ଶିଶୁ ସମେତ ୧୨ ଜଣଙ୍କୁ ହତ୍ୟା କରାଯାଇଥିଲା । ପୁଲିସ ତଦନ୍ତରୁ ଜଣାପଡିଥିଲା ଯେ, ଗୁଳିକାଣ୍ଡ ଏପରି ଏକ ସ୍ଥାନରେ ଘଟିଥିଲା ଯେଉଁଠାରେ ବେଆଇନ ଭାବରେ ମଦ ବିକ୍ରି ହେଉଥିଲା । ୬୩ ନିୟୁତ ଲୋକଙ୍କ ବାସସ୍ଥାନ ଦକ୍ଷିଣ ଆଫ୍ରିକାରେ ବିଶ୍ୱର ସର୍ବାଧିକ ଅପରାଧ ହାର ରହିଛି ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ